ଧରିତ୍ରୀ
DHARITRI
August 13-19, 2023 ₹ 2/-


# ଛୁଟିଦିନ

# ଜୟ ଯବାନ୍

ପ୍ରଚ୍ଛଦ ପ୍ରସଙ୍ଗ

୪

ସେନାବାହିନୀରେ ଯୋଗଦେଇ ଦେଶକୁ ଶତ୍ରୁ କବଳରୁ ରକ୍ଷା କରୁଥିବା ଏହି ସୈନିକମାନେ ଅବସର ପରେ ବି ନିଜ ଅଞ୍ଚଳର ଆଶାୟୀ ଯୁବପିଢିଙ୍କୁ ପ୍ରଶିକ୍ଷଣ ଦେଇ ଦେଶ ସୁରକ୍ଷା ପାଇଁ ପ୍ରସ୍ତୁତ କରୁଛନ୍ତି...



# ଭାଗ୍ୟ ବଦଳାଇବ ପୁରୁଣା ପର୍ସ

**ଏମିତି କେତେଜଣ ଅଛନ୍ତି; ଯେଉଁମାନେ ତାଙ୍କ ପର୍ସକୁ ଖୁବ୍ ଭଲ ପାଆନ୍ତି। ତାକୁ ଲକି ଚାର୍ମ ବୋଲି ଭାବନ୍ତି। ପର୍ସଟି ପୁରୁଣା ହୋଇ ଫାଟି ଯାଇଥିଲେ ବି ତାକୁ ଫୋପାଡ଼ିବାକୁ ଚାହାନ୍ତି ନାହିଁ। ହେଲେ ବାସ୍ତୁଶାସ୍ତ୍ରରେ ଏମିତି କେତୋଟି ଉପାୟ ରହିଛି; ଯଦ୍ଵାରା ପୁରୁଣା ପର୍ସକୁ ବ୍ୟବହାର ନକରି ମଧ ଏହାର ସୁଫଳ ପାଇହେବ ବୋଲି ବିଶ୍ୱାସ ରହିଛି...**

✲ ଲକି ପର୍ସ ପୁରୁଣା ହୋଇ ଯାଇଥିଲେ, ସେଥିରୁ ସବୁ ଜିନିଷ



କାଢି ନୂଆ ପର୍ସରେ ରଖିଦିଅନ୍ତୁ। ତା'ପରେ ନାଲି କପଡ଼ାରେ କିଛି କଏନ୍ ବାନ୍ଧି ପୁରୁଣା ପର୍ସରେ ରଖିଦେଲେ ଦେଖିବେ ପୁରୁଣା ପର୍ସ ସବୁବେଳେ ସେମିତି ଲକି ହୋଇ ରହିଥିବ ଆଉ ଆପଣ ତାହାର ଫାଇଦା ପାଇ ଚାଲିଥିବେ।

✲ ପୁରୁଣା ଲକି ପର୍ସରେ ନାଲି କପଡ଼ାରେ କିଛି ଅରୁଆ ଚାଉଳ ବାନ୍ଧି ରଖିଦେବେ। କିଛିଦିନ ପରେ ସେହି ଚାଉଳରୁ କିଛି ନେଇ ନୂଆ ପର୍ସରେ ରଖିଦେଲେ ଦେଖିବେ ପୁରୁଣା ପର୍ସରୁ ଯେଉଁ ସକାରାତ୍ମକ ଊର୍ଜା ମିଳୁଥିଲା ନୂଆ ପର୍ସରୁ ବି ସେହି ଊର୍ଜା ମିଳିବ।

✲ପୁରୁଣା ପର୍ସ ଫୋପାଡିବାକୁ ଚାହୁଁ ନଥିଲେ ତାହାକୁ ନାଲି କପଡ଼ାରେ ଗୁଡ଼ାଇ ଆଲମାରିର ଲକର୍ ଭିତରେ ରଖିପାରିବେ। ଆଉ ଏହାକୁ ଖାଲି ନ ରଖି ସେଥିରେ କିଛି ଖୁଚୁରା ଟଙ୍କା/ ଚାଉଳ/ କର୍ପୂର/ ସଫା ରୁମାଲଟିଏ ରଖିଦେଲେ ଶୁଭ ହେବ।

✲ ପୁରୁଣା ଫାଟି ଯାଇଥିବା ପର୍ସକୁ ଯଦି ସଜାଡ଼ିକି ବ୍ୟବହାର କରିହେଉଛି ତା'ହେଲେ ଭଲ। ନଚେତ୍ ତୁରନ୍ତ ବଦଳାଇଦେବା ଦରକାର। କାରଣ ଏହିପର୍ସ ଅର୍ଥହାନୀର କାରଣ ସାଜିଥାଏ। ଏକ୍ଷେତ୍ରରେ ଉପରୋକ୍ତ ଉପାୟଗୁଡ଼ିକୁ ପାଳନ କରାଯାଇପାରେ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଅଗଷ୍ଟ ୧୩-୧୯**

**ମେଷ**
କର୍ମଜଞ୍ଜାଳ ବୃଦ୍ଧି, ମାନସିକ ଅସ୍ଥିରତା, ପାରିବାରିକ ସମସ୍ୟା, ଶୁଭ ଖବରପ୍ରାପ୍ତି, ଅସମ୍ପୂର୍ଣ୍ଣ କାର୍ଯ୍ୟାରମ୍ଭ,ଭ୍ରମଣରୁ କ୍ଳାନ୍ତି, ଭ୍ରାତୃସମ୍ପର୍କ ହ୍ରାସ, ଶାରୀରିକ ସୁସ୍ଥତା, ସହକର୍ମୀଙ୍କ ସହଯୋଗ, କଳାସାହିତ୍ୟରୁ ପ୍ରଶଂସା, ମୂଲ୍ୟବାନ ଦ୍ରବ୍ୟଲାଭ ॥

**ବୃଷ**
ସମସ୍ୟା ସମାଧାନ, ବୈଷୟିକ ଉନ୍ନତି, ଭାବପ୍ରବଣତାରୁ ମନସ୍ତାପ, ମନୋବଳ ହ୍ରାସ, ନିର୍ମାଣର ଶେଷ ପର୍ଯ୍ୟାୟ, ପଦୋନ୍ନତିର ସୂଚନା, ଚଳଚ୍ଚିତ୍ରରେ ସମସ୍ୟା, ବିବାଦୀୟ ପରିସ୍ଥିତି, ଦୂରଯାତ୍ରାର ଯୋଜନା, ରୋଗପୀଡା ହ୍ରାସ ॥

**ମିଥୁନ**
ନୂତନ ଯୋଜନାରମ୍ଭ, ପାରିବାରିକ ସହମତି, ବନ୍ଧୁଙ୍କ ପରାମର୍ଶ, ଶ୍ରମଜନିତ କ୍ଳାନ୍ତି, ସନ୍ତାନଙ୍କ କୃତିତ୍ୱ, ସତ୍‌ସଙ୍ଗର ସାନ୍ନିଧ୍ୟ, ନୂତନ ମିତ୍ରତା, ଯାନବାହନ ନବୀକରଣ, ସ୍ତ୍ରୀଙ୍କ ପରାମର୍ଶ, ସାଂସ୍କୃତିକ କାର୍ଯ୍ୟକ୍ରମ ॥

**କର୍କଟ**
କାର୍ଯ୍ୟସିଦ୍ଧି, ମାନସିକ ଶାନ୍ତି, ସ୍ୱାସ୍ଥ୍ୟହାନୀ, ଅର୍ଥସଙ୍କଟ, କାର୍ଯ୍ୟସ୍ଥଗିତ, ଭ୍ରାତୃପ୍ରୀତି, ନୂତନ ସମ୍ପର୍କ, ମିଥ୍ୟା ଗୁଜବ, ମନସ୍ତାପ, କଚେରୀ ମାମଲା, ସାମାଜିକ ସମ୍ମାନ, ବିବାଦର ସମାଧାନ ॥

**ସିଂହ**
ଦୈହିକ ଦୁର୍ବଳତା, କାର୍ଯ୍ୟରେ ଅବହେଳା, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି, ପଡୋଶୀଙ୍କ ପରାମର୍ଶ, ସ୍ତ୍ରୀଙ୍କ ପ୍ରେରଣା, ମାନସିକ ଦୁଃଶ୍ଚିନ୍ତା, ବାଣିଜ୍ୟରେ ପ୍ରତିବନ୍ଧକ, କ୍ରନିକ୍ ରୋଗପୀଡା, ସ୍ଥାନାନ୍ତରର ସୂଚନା, ନୂତନ ନିଯୁକ୍ତି ॥

**କନ୍ୟା**
ଆର୍ଥିକ ଦୂରବସ୍ଥା, ସମ୍ପର୍କୀୟଙ୍କ ବଦାନ୍ୟତା, ଯୋଗାଣରେ ଅନିୟମିତତା, ଯୋଗସାଧନାରେ ରୁଚି, କାର୍ଯ୍ୟରେ ସଫଳତା, ଦୁଃସାହାସିକ ପଦକ୍ଷେପ, ପଦମର୍ଯ୍ୟାଦା ବୃଦ୍ଧି, ଦୂରଯାତ୍ରାର ଯୋଜନା, ପ୍ରକାଶନରେ ବିଳମ୍ବ ॥

**ତୁଳା**
ମାନସିକ ଅସ୍ଥିରତା, ଦୁଃଖଦ ଖବର, ଅପବ୍ୟୟ, ଭ୍ରମଣ ସୁଯୋଗ, ଯାତ୍ରାରେ କଳହ, ଋଣଗ୍ରସ୍ତ ହେବେ, ସମସ୍ୟାର ମୁକାବିଲା, ଯାନବାହାନରେ ସତର୍କତା, ପରିବହନରେ ଝଗଡା, କଳାପ୍ରିୟ ହେବେ, ପାରିବାରିକ ଶାନ୍ତି, ମଧ୍ୟସ୍ଥତାରୁ ବିବାଦ ॥

**ବିଛା**
ବନ୍ଧୁମିଳନ, ପାରିବାରିକ ସୌଖ୍ୟ, ମିଷ୍ଟାନ୍ନ ଲାଭ, ସହକର୍ମୀଙ୍କ ସୌଜନ୍ୟତା, ଆତ୍ମୀୟଙ୍କ କଟୁକ୍ତି, ବ୍ୟବସାୟିକ ଉନ୍ନତି, ଯାନବାହନ କ୍ରୟ, ସାମାଜିକ ପ୍ରତିଷ୍ଠା, ସ୍ଥଗିତ କର୍ମାରମ୍ଭ, ନିଃସଙ୍ଗତାବୋଧ, ଚୁକ୍ତିପତ୍ର ସ୍ୱାକ୍ଷର, ବିବାଦରେ ବିଜୟ ॥

**ଧନୁ**
କର୍ମକ୍ଷେତ୍ରରେ ବିବାଦ, ଅର୍ଥନୈତିକ ସମସ୍ୟା, ସହକର୍ମୀଙ୍କ ଉଦାରତା, କାର୍ଯ୍ୟରେ ଅବହେଳା, ସଙ୍ଗଦୋଷରୁ ସମାଲୋଚନା, ପରୋକ୍ଷ ଶତ୍ରୁତା, ଯାନ୍ତ୍ରିକ ତ୍ରୁଟି, ସନ୍ତାନଙ୍କ କୃତିତ୍ୱ, ରାଜନୈତିକ ଆଲୋଚନା ॥

**ମକର**
ଯୋଜନାରେ ବିଫଳତା, ଅଧିକାରୀଙ୍କ ଭର୍ତ୍ସନା, ହିତୈଷୀଙ୍କ ପରାମର୍ଶ, ବ୍ୟାଙ୍କଲୋନ୍ ପ୍ରାପ୍ତି, ବନ୍ଧୁ ବିଚ୍ଛେଦ, ସ୍ୱଜନ ଶତ୍ରୁତା, ନିର୍ମାଣରେ ବିବାଦ, ଲୋକସମ୍ପର୍କ ବୃଦ୍ଧି, ଶୁଭଖବର ପାଇବେ, ବୃତ୍ତିଗତ ଧନ୍ଦାରେ ବାଧା, ଏଜେନ୍ସିପ୍ ବଢିବ ॥

**କୁମ୍ଭ**
ଧାର୍ମିକ କାର୍ଯ୍ୟାଲୋଚନା, ମିତ୍ରବନ୍ଧୁଙ୍କ ସାହାଯ୍ୟ, ଅନୁକୂଳ ପରିବେଶ, ପରିବହନରେ ଉନ୍ନତି, ହୋଟେଲ ଶିଳ୍ପରୁ ଲାଭ, ପାରିବାରିକ ବିବାଦ, କଚେରୀ ମାମଲାରେ ବାଇଦା, ଦୂରଯାତ୍ରାର ପ୍ରସ୍ତୁତି, ସାହିତ୍ୟକୃତିରୁ ସମ୍ମାନ ॥

**ମୀନ**
ଶୁଭଖବର ପ୍ରାପ୍ତି, ବନ୍ଧୁପ୍ରିୟ ହେବେ, କଲ୍ୟାଣମୂଳକ କାର୍ଯ୍ୟ, ବିବାଦୀୟ ସ୍ଥିତି, ସଭାସମିତିକୁ ନିମନ୍ତ୍ରଣ, ମାଙ୍ଗଳିକ କାର୍ଯ୍ୟାରମ୍ଭ, ପ୍ରତିକୂଳତା କମିବ, ଧନପ୍ରାପ୍ତିରେ ବାଧା, ପ୍ରତୀକ୍ଷିତ ଖବର ପାଇବେ, ପକ୍ଷପାତିତାରୁ ସମାଲୋଚନା, କର୍ମଦକ୍ଷତାର ପ୍ରଶଂସା ॥



## କ'ଣ କହେ ତ୍ରିରଙ୍ଗାର ରଙ୍ଗ

ତ୍ରିରଙ୍ଗାର ତିନୋଟି ରଙ୍ଗ ଆମକୁ ଅନେକ ସକରାତ୍ମକ ସଙ୍କେତ ଦେଇଥାଏ ବୋଲି ଜ୍ୟୋତିଷଶାସ୍ତ୍ରରେ କୁହାଯାଇଛି। ଯେମିତିକି: ଏହାର ପ୍ରଥମ ରଙ୍ଗ ହେଉଛି ନାରଙ୍ଗୀ ; ଯାହାକି ସାମାଜିକତାର ପ୍ରତୀକ। ତା'ସହିତ ମାନସିକ ସ୍ତରରେ ବ୍ୟକ୍ତିଙ୍କୁ ଦୃଢ କରିବାରେ ବି ଏହି ରଙ୍ଗ ପ୍ରେରଣା ଦେଇଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ଦ୍ୱିତୀୟ ରଙ୍ଗ ହେଉଛି ଧଳା ; ଯାହାକି ହେଉଛି ଶାନ୍ତି ଓ ଶୁଦ୍ଧତାର ପ୍ରତୀକ। ବ୍ୟକ୍ତିଙ୍କର ଖୋଲା ବିଚାର ଓ ସ୍ୱତନ୍ତ୍ରତା ଉପରେ ଏହି ରଙ୍ଗ ସକାରାତ୍ମକ ପ୍ରଭାବ ପକାଇଥାଏ ବୋଲି ଜ୍ୟୋତିଷଶାସ୍ତ୍ରରେ ଉଲ୍ଲେଖ ରହିଛି। ଶେଷରେ ହେଉଛି ସବୁଜ ରଙ୍ଗ ; ଯାହାକି ମନରୁ ଅବସାଦ ଦୂର କରି ଭାଇଚାରା ବଢାଇବାରେ ବ୍ୟକ୍ତିଙ୍କୁ ସାହାଯ୍ୟ କରିଥାଏ ବୋଲି ଲୋକବିଶ୍ୱାସ ରହିଛି।

## ପାଠକୀୟ

✲ ଅତିଥି ଈଶ୍ୱରଙ୍କ ସ୍ୱରୂପ। ତାଙ୍କୁ ହୃଦୟର ସହ ଅଭିବାଦନ କରିବା ଅର୍ଥ ଈଶ୍ୱରଙ୍କୁ ଅଭିବାଦନ କରିବା। ଅତିଥି ସତ୍କାରର ଏହି ପରମ୍ପରା ବହୁ ପୂର୍ବରୁ ଆଜିଯାଏ 'ଅତିଥି ଦେବୋ ଭବ'ର ମାନ୍ୟତା ନେଇ ସାରା ପୃଥିବୀରେ ରହିଛି। ତେଣୁ ଏଭଳି ଏକ ସୁନ୍ଦର ଆଲେଖ୍ୟକୁ ନେଇ ପ୍ରସ୍ତୁତ ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଅତିଥି ଦେବୋ ଭବ'ଟି ବେଶ୍ ଶିକ୍ଷଣୀୟ ହୋଇଥିଲା। 'ବାସ୍ତୁ ଅନୁଯାୟୀ ଝରଣାର ପେଣ୍ଟିଂ', 'ଉପକାରୀ ସ୍ନେକ ପ୍ଲାଣ୍ଟ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

***– ଲିଜାଲିନ୍ ମହାନ୍ତି, ବାଲିସାହି, ପୁରୀ***

✲ ଭାରତୀୟ ସଂସ୍କୃତିରେ ଅତିଥିଙ୍କୁ ଈଶ୍ୱର ମଣି ତାଙ୍କୁ ଆଦର ସତ୍କାର ପୂର୍ବକ ଆତିଥ୍ୟ କରିବାର ପରମ୍ପରା ବହୁ ପୁରାତନ ହୋଇଥିଲେ ବି ଏହାର ସତ୍ତା ଏବେ ମଧ ରହିଛି ଆଉ ଆଗକୁ ଏମିତି ରହିଥିବ। ତେଣୁ ଏଭଳି ଏକ ମନଛୁଆଁ ଆଲେଖ୍ୟକୁ ନେଇ ପ୍ରସ୍ତୁତ 'ଅତିଥି ଦେବୋ ଭବ' ପ୍ରଚ୍ଛଦ ପ୍ରସଙ୍ଗଟିକୁ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଥିବାରୁ ଖୁସି ଲାଗିଲା। ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରେ ସ୍ଥାନିତ 'ଅଜବ ରେନ୍‌କୋଟ୍' ପାଠରୁ ବହୁ ଅଜଣା କଥା ଜାଣିହେଲା।

***– ସୁନନ୍ଦା ପଟ୍ଟନାୟକ, ପାଣିକୋଇଲି, ଯାଜପୁର***

✲ ବ୍ୟକ୍ତିତ୍ୱ ପୃଷ୍ଠାରୁ ପ୍ରଫେସର୍ ବସନ୍ତ କୁମାର ପଣ୍ଡାଙ୍କ ଜୀବିନ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଜ୍ଞାନ ଉଦୟ' ଶୀର୍ଷକ ଗପଟି ବି ବେଶ୍ ମନଛୁଆଁ ଥିଲା। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ହୋଇଥିଲା। ବିଶେଷକରି ଏଥିରେ ସ୍ଥାନିତ 'ଶାହରୁଖ–କାଜଲ'ଙ୍କ ଫଟୋଟି ଖୁବ୍ ରୋମାଣ୍ଟିକ୍‌ଭରା ଲାଗୁଥିଲା।

***– ରାହୁଲ ଶର୍ମା, ତାଳଚେର***

✲ ଅଧ୍ୟାପିକା ସ୍ଥିରା ଦାସଙ୍କ ପ୍ରଥମ ରେଜଗାରର ଅନୁଭୂତିଟି ବେଶ୍ ପ୍ରେରଣାଦାୟୀ ଥିଲା। 'ବର୍ଷାରେ କାକ୍‌ଟସ୍‌ର ଯତ୍ନ' ପାଠରୁ କାକ୍‌ଟସ୍ ବିଷୟରେ କିଛି ଅଜଣା କଥା ଜାଣି ଖୁସି ଲାଗିଲା। 'ସଫଳ ମହିଳା ଉଦ୍ୟୋଗୀ ସୁରଭି'ଙ୍କ ପାଠଟି ବି ସତରେ ବେଶ୍ ମନଛୁଆଁ ହୋଇଥିଲା। ମଡେଲ୍ ମିରର୍‌ରେ ସମ୍ପୂର୍ଣ୍ଣା ବେଶ୍ ସୁନ୍ଦରୀ ଲାଗୁଥିଲେ। ସହର ପୃଷ୍ଠାରୁ କେତେକ ମନସୁନ୍ ଡେଷ୍ଟିନେଶନ ସମ୍ପର୍କରେ ଜାଣି ଖୁସି ଲାଗିଲା।

***– ମନୀଷା ତ୍ରିପାଠୀ, କଳାହାଣ୍ଡି***

✲ ବିବିଧା ପୃଷ୍ଠାରୁ 'ଭିଜା ମାଟିର ବାସ୍ନା' ସମ୍ପର୍କରେ କିଛିଟା ଅଜଣା ତଥା ଗୁରୁତ୍ୱପୂର୍ଣ୍ଣ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସେହିପରି 'ମାଉଣ୍ଟେନ ଡ୍ୟୁ ଜିଲାପି', 'ଚଷମା ନୁହେଁ ଇ–ବୁକ୍ ରିଡର୍', 'ରଙ୍ଗିନ କୁକୁର', 'ଜୀବନ ସାରା କେଶ କାଟିବା ମନା' ଆଦି ପାଠ ଯେତିକି ଶିକ୍ଷଣୀୟ ଥିଲା ସେତିକି ତଥ୍ୟପୂର୍ଣ୍ଣ ହୋଇଥିଲା। 'ସତ୍ୟର ଦର୍ପଣକୁ ରଖ ନିଜ ଆଡ଼କୁ' ଶୀର୍ଷକ ବ୍ୟଙ୍ଗଟି ବି ବେଶ୍ ଶିକ୍ଷଣୀୟ ଥିଲା।

***– ପ୍ରଣୟ ପାତ୍ର, କାକଟପୁର, ପୁରୀ***

## ବିଶେଷ ଚିଠି




**ତା**ଙ୍କ ଆସିବାର ନଥାଏ ତିଥି
ଆଶ୍ଚର୍ଯ୍ୟ ହେଉରେ ହଠାତ୍ ଦେଖି
ସେ ଆମ ଅତିଥି, ପ୍ରଣାମ ହେଉ
ପାଦ ଧୋଇ ତାଙ୍କୁ ପାଛୋଟି ନେଉ
ମାତୃ ଦେବୋ ଭବ ପିତୃ ଦେବୋ ଭବ
ଆଚାର୍ଯ୍ୟ ଦେବତା ଅତିଥି ହିଁ ଦେବ
ଅତିଥି ଦେବୋ ଭବ ପ୍ରଚ୍ଛଦ ପଢ଼ି
ଭକ୍ତିଭାବ ଗଲା ହୃଦୟେ ଭରି
ଅତିଥିଙ୍କୁ ଭଲ ସତ୍କାର ଦେବା
ତାଙ୍କ କଲ୍ୟାଣରେ ଆଗକୁ ଯିବା
ଛୁଟିଦିନ ପୃଷ୍ଠା ଆକର୍ଷଣୀୟ
ପଢ଼ିଲେ ହୁଅଇ ଜ୍ଞାନ ଉଦୟ।

***–କ୍ଷିତୀଶ ଜେନା,***
***କଣ୍ଟିଗଡ଼ିଆ, ଧର୍ମଶାଳା, ଯାଜପୁର***

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com



ବିବିଧତା ଭିତରେ ଏକତାର ନିଦର୍ଶନ ହେଉଛି ଭାରତ। ଶାନ୍ତି, ମୈତ୍ରୀର ଦେଶ ହେଉଛି ଭାରତ। ଜ୍ଞାନ ହେଉକି ବିଜ୍ଞାନ ସବୁଥିରେ ଆଗରେ ଭାରତ। ଏକ ସଶକ୍ତ, ସମୃଦ୍ଧ ଦେଶ ଭାବେ ମଧ୍ୟ ସାରା ବିଶ୍ୱରେ ପରିଚିତ ଭାରତ। ଏହାବାଦ୍ ବି ଆହୁରି ଅନେକ କିଛି ଅଛି ଯାହା ପ୍ରମାଣିତ କରେ ଯେ କୋଟିକରେ ଗୋଟିଏ ହେଉଛି ଭାରତ...



# ମୋ ଦେଶ ମହାନ

* ଭାରତ ହେଉଛି ପୃଥିବୀର ସବୁଠାରୁ ବଡ଼ ଗଣତାନ୍ତ୍ରିକ ଦେଶ। ଭାରତ ସ୍ୱାଧୀନତା ପାଇବାର ପ୍ରଥମ ଦିନରୁ ହିଁ ପ୍ରତ୍ୟେକ ପ୍ରାପ୍ତ ବୟସ୍କ ମହିଳା ଓ ପୁରୁଷଙ୍କୁ ଭୋଟ ଦେବା ଅଧିକାର ମିଳିଥିଲା। ଅନ୍ୟପକ୍ଷେ ଆମେରିକା ମହିଳାମାନେ ୧୯୨୦ରେ ତଥା ଦେଶ ସ୍ୱାଧିନ ହେବା ଓ ଗଣତନ୍ତ୍ର ଶାସନ ପ୍ରଚଳନ ହେବାର ବହୁବର୍ଷ ପରେ ଭୋଟ ଦେବାର ଅଧିକାର ପାଇଥିଲେ।
* ଭାରତର ଜାତୀୟ ସଂଗୀତ 'ଜନ ଗଣ ମନ'କୁ ରବିନ୍ଦନାଥ ଟାଗୋର ରଚନା କରିଥିଲେ ବୋଲି ସମସ୍ତେ ଜାଣନ୍ତି। ତେବେ ଏକଥା ବହୁତ କମ୍ ଲୋକ ଜାଣିଥିବେ ଯେ, ବାଂଲାଦେଶର ଜାତୀୟ ସଂଗୀତ 'ଆମର୍ ସୋନାର ବାଂଲା'କୁ ବି ରବିନ୍ଦ୍ର ନାଥ ଟାଗୋର ରଚନା କରିଥିଲେ।
* ଜହ୍ନରେ ଜଳ ଥିବାର ସନ୍ଧାନ ପ୍ରଥମେ ଭାରତ ହିଁ କରିଥିଲା। ସେପ୍ଟେମ୍ବର, ୨୦୦୯ରେ ଇସ୍ରୋର ଚନ୍ଦ୍ରାୟନ ୧ ସର୍ବପ୍ରଥମେ ଜହ୍ନରେ ଜଳର ସନ୍ଧାନ କରିଥିଲା।
* ପୃଥିବୀରେ ତିନୋଟି ଦେଶ ସୁପର କମ୍ପ୍ୟୁଟର ତିଆରି କରୁଛନ୍ତି। ସେଥିମଧ୍ୟରେ ଭାରତ ଅନ୍ୟତମ। ଅନ୍ୟ ଦୁଇ ଦେଶ ହେଉଛି ଆମେରିକା ଓ ଜାପାନ।
* ଭାରତରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ମସ୍‌ଜିଦ୍ ଅଛି। ଯାହାକି ଅନ୍ୟ ଯେକୌଣସି ଦେଶର ମସ୍‌ଜିଦ୍ ସଂଖ୍ୟାଠାରୁ ଅଧିକ।
* ଭାରତୀୟ ଖାଦ୍ୟର ଆଦର ସାରା ପୃଥିବୀରେ ରହିଛି। ସେଥିପାଇଁ ତ ଲଣ୍ଡନରେ ଦିଲ୍ଲୀ, ମୁମ୍ବାଇ ଭଳି ସହରଠାରୁ ବି ଅଧିକ ଭାରତୀୟ ରେଷ୍ଟୁରାଣ୍ଟ ଅଛି।
* ଭାରତର ସଂସ୍କୃତ ଭାଷା ପୃଥିବୀର ସବୁ ଭାଷାଠାରୁ ପ୍ରାଚୀନ ଭାଷା ଭାବେ ପରିଚିତ। ଏହି ଭାଷାକୁ ଦେବଭାଷା କୁହାଯିବା ସହ ସବୁ ଭାଷାର ଜନନୀ ବୋଲି ମଧ୍ୟ କୁହାଯାଏ।
* ଉତ୍ତର ପ୍ରଦେଶର ବାରାଣସୀ ସହରକୁ ପୃଥିବୀର ସବୁଠାରୁ ପୁରାତନ ସହର ବୋଲି ଧରାଯାଏ।
* ସ୍ୱିଜରଲାଣ୍ଡରେ ମେ' ମାସ ୨୬ ତାରିଖକୁ ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ମିଶାଇଲମ୍ୟାନ ଏପିଜେ ଅବ୍‌ଦୁଲ କଲାମଙ୍କୁ ସମର୍ପିତ କରି 'ବିଜ୍ଞାନ ଦିବସ' ଭାବେ ପାଳନ କରାଯାଏ। କାରଣ ଉପରୋକ୍ତ ଦିନ ଅବ୍‌ଦୁଲ କଲାମ ସ୍ୱିଜରଲାଣ୍ଡ ଗସ୍ତରେ ଯାଇଥିଲେ।
* ୧୯୩୬ ବର୍ଲିନ ହକି ଅଲମ୍ପିକରେ ଜର୍ମାନୀକୁ ୮-୧ ଗୋଲରେ ଭାରତ ହରାଇବା ପରେ ହକିର ଯାଦୁକରଭାବେ ପରିଚିତ ମେଜର ଧ୍ୟାନଚାନ୍ଦଙ୍କୁ ହିଟଲର୍ ଜର୍ମାନୀର ନାଗରିକତା, ସେନାରେ ଉଚ୍ଚପଦବୀ ଓ ଜର୍ମାନୀ ଦଳରେ ଖେଳିବାର ପ୍ରସ୍ତାବ ଦେଇଥିଲେ। ହେଲେ ଧ୍ୟାନଚାନ୍ଦ ସେ ପ୍ରସ୍ତାବକୁ ମନା କରି ଦେଇଥିଲେ।
* ବିଶ୍ୱର ସର୍ବପ୍ରଥମ ବିଶ୍ୱ ବିଦ୍ୟାଳୟ 'ନାଳନ୍ଦା' ଭାରତର ତକ୍ଷଶୀଳାରେ ଥିଲା, ଯାହାକି ଖ୍ରୀ.ପୂ. ୭୦୦ରେ ନିର୍ମିତ ହୋଇଥିଲା। ଏଠାରେ୧୦,୫୦୦ ଛାତ୍ରୀଛାତ୍ର ୬୦ରୁ ଉର୍ଦ୍ଧ୍ୱ ବିଷୟରେ ଅଧ୍ୟୟନ କରୁଥିଲେ। ଶିକ୍ଷା କ୍ଷେତ୍ରରେ ଭାରତର ଏହା ଥିଲା ସବୁଠାରୁ ବଡ଼ ସଫଳତା।
* ଭାରତ ହେଉଛି ପୃଥିବୀର ସବୁଠାରୁ ଅଧିକ ଡାକଘର ଥିବା ଦେଶ। ସାରା ଭାରତରେ ୧,୫୫,୬୧୮ ଡାକଘର ଅଛି। ପୃଥିବୀର ସବୁଠାରୁ ଉଚ୍ଚତାରେ ଥିବା ଡାକଘର ମଧ୍ୟ ଭାରତରେ ଅଛି। ତାହା ହିମାଚଳପ୍ରଦେଶ,ସ୍ପିତି ଭ୍ୟାଲିସ୍ଥ ହିକ୍କିମ ଗ୍ରାମରେ ଅଛି। ଶ୍ରୀନଗରର ଡାଲ ହ୍ରଦରେ ପୃଥିବୀର ଏକମାତ୍ର ଭାସମାନ ଡାକଘର ଅଛି।



**ସେନାବାହିନୀରେ ଯୋଗ ଦେଇ ଦେଶକୁ ଶତ୍ରୁ କବଳରୁ ରକ୍ଷା କରୁଥିବା ଏହି ସୈନିକମାନେ ଅବସର ପରେ ବି ଚୁପ୍ ହୋଇ ବସିଯାଇ ନାହାନ୍ତି ନିଜ ଅଞ୍ଚଳର ବିକାଶ ସହ ସେନା ବା ପୋଲିସ ବିଭାଗରେ କାମ କରିବା ପାଇଁ ଆଗ୍ରହୀ ଯୁବତୀଯୁବକଙ୍କୁ ମାଗଣାରେ ପ୍ରଶିକ୍ଷଣ ବି ଦେଉଛନ୍ତି..**





ଖଇରାର କଳିଙ୍ଗ ଉତ୍କଳ ଡିଫେନ୍ସ ଏକାଡେମୀରେ ତାଲିମ ପ୍ରଦାନ

# ଜୟ ଯବାନ୍

**ସେନାଙ୍କ ପାଇଁ ପରିଚିତ ଗାଁ**–ଏହା ଏମିତି ଏକ ଗାଁ ଯାହାର ଅଧିକାଂଶ ନିବାସୀ ସେନାବାହିନୀରେ କାର୍ଯ୍ୟରତ। ଏହି ଗାଁ ହେଲା ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ଅଧିନ ବିଲିପଡ଼ା। ଭୁବନେଶ୍ୱରରୁ ୧୬ନମ୍ବର ଜାତୀୟ ରାଜପଥରେ ବାଲେଶ୍ୱରଯିବା ରାସ୍ତାର କୁଆଖିଆ ବଜାରଠାରୁ ମାତ୍ର ୧ କି.ମି. ଦୂରରେ ରହିଛି ଏହି ଗାଁ । ଏବେ ସୁଦ୍ଧା ବିଲିପଡ଼ା ଗାଁର ପ୍ରାୟ ୩୭ଜଣ ଯୁବକ ସ୍ଥଳ, ଜଳ ଓ ଆକାଶ ବାହିନୀ ସମେତ ଆଉ କେତେଜଣ ପୋଲିସ ବିଭାଗରେ ଚାକିରି କରିଛନ୍ତି । ଏହି ଗାଁରେ ଅନ୍ୟମାନଙ୍କ ମଧ୍ୟରେ–ସତ୍ୟାନନ୍ଦ ଆଇଚ, ଦେବେନ୍ଦ୍ର ଆଇଚ, ସୁମନ୍ତ ଆଇଚ, ସନ୍ତୋଷ କୁମାର ଆଇଚ, ରମେଶ ଚନ୍ଦ୍ର ଆଇଚ, ସନେନ୍ଦ୍ର ଆଇଚ ଓ ଅମରେନ୍ଦ୍ର ଧଳ ପ୍ରମୁଖ ସେନା ବିଭାଗରେ ସାମିଲ ହୋଇଥିବା ବେଳେ ଶୁଭଙ୍କର ଆଇଚଙ୍କ ସହ ଅନ୍ୟ କେତେଜଣ ସିଆର୍‌ପିଏଫ୍‌ରେ, ସେହିପରି ଆଉ କେତେଜଣ ଓଡ଼ିଶା ପୋଲିସ, ଓଏସ୍‌ଏପି, ଆଇଆର୍‌ବି ଏବଂ ଓଏଫ୍‌ଏସ୍ ସେବା ବିଭାଗରେ ଯୋଗଦେଇଛନ୍ତି। ତେବେ ବଡ଼ କଥା ହେଲା ଯେଉଁମାନେ ସୈନ୍ୟବାହିନୀରୁ ଅବସର ନେଉଛନ୍ତି ଗାଁର ଯୁବକମାନେ କିପରି ସେନା ବିଭାଗରେ କାମ କରିପାରିବେ ସେଥିପାଇଁ ଏମାନେ ତାଙ୍କୁ ପ୍ରସ୍ତୁତ କରୁଛନ୍ତି। ସେଥିପାଇଁ ସେମାନେ ଗାଁର ଯୁବକମାନଙ୍କୁ କ୍ଲବ ପଡ଼ିଆ ଏବଂ ସ୍କୁଲ ପଡ଼ିଆରେ ସକାଳେ ଓ ଅପରାହ୍ନ ସମୟରେ ଦୌଡ଼ିବା, ଲମ୍ବଡ଼ିଆଁ, ଚାଲିବା , ସାଇକେଲ ଚଲେଇବା, ନିଆଁ ଲିଭାଇବା ପୁଣି ନିକଟ ପୋଖରି ଓ ନଦୀରେ ପହଁରିବା ଆଦିର ଟ୍ରେନିଂ ପ୍ରଦାନ କରିଥାନ୍ତି। ଏହି ଗାଁରେ ଏକ ପରମ୍ପରା ରହିଛି ଏହି ଗାଁର ଯେଉଁ ବ୍ୟକ୍ତିମାନେ ସୈନ୍ୟବାହିନୀରୁ ଅବସର ନେଇ ଫେରନ୍ତି ତାଙ୍କୁ ଗାଁର ଆବାଳ ବୃଦ୍ଧ ବନିତା ଏକତ୍ରିତ ହୋଇ ଏକ ପଟୁଆରରେ ଗାଁକୁ ଗାଁକୁ ବୁଲାଇଥାନ୍ତି ଏବଂ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭାରେ ତାଙ୍କୁ ସମ୍ମାନିତ କରିବା ସହ ତାଙ୍କ ମାତା ଓ ପିତାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥାଏ । ଏ ଦିଗରେ ଗାଁରେ ରହିଥିବା ଉତ୍କଳ କ୍ଲବର ରହିଛି ଅନେକ ଭୂମିକା। ଏହାଛଡ଼ା ଅବସରପ୍ରାପ୍ତ ସେନା କର୍ମଚାରୀ ଅମରେନ୍ଦ୍ର ଧଳ, କେଦାର କୁମାର ଆଇଚ, ଶୁଭ୍ରଦୀପ୍ତ ଧଳ କୁହନ୍ତି, 'ଦେଶ ସୁରକ୍ଷା ପାଇଁ ସୈନ୍ୟବାହିନୀରେ ଯୋଗ ଦେବା ଆମ ଲାଗି ଭଗବାନଙ୍କ ବରଦାନ । ଏବେ ଆମେ ଗାଁ ପାଇଁ କାମ କରିବାରେ ଆନନ୍ଦ ପାଉଛୁ। ଉତ୍କଳ କ୍ଲବର ସଦସ୍ୟ ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଶିକ୍ଷକ ସୁଧାଂଶୁ ଶେଖର ଆଇଚ କୁହନ୍ତି, ଏହି ଗାଁର ଏକାଧିକାଂଶ ଯୁବକ ସେନାବାହିନୀରେ ଯୋଗ ଦେବା ଆମ ଗାଁ ପାଇଁ ଗୌରବ।

**ଅବସର ପରେ ଜନମଙ୍ଗଳ କାର୍ଯ୍ୟରେ ସାମିଲ ହେଉଛୁ**

ଏହି ଗାଁର ଅବସରପ୍ରାପ୍ତ ସେନା କର୍ମଚାରୀମାନେ ଯେତେବେଳେ ମର୍ଣ୍ଣିଂ ୱାକ୍‌ରେ ଏକାଠି ମିଶୁଥିଲେ ଚିନ୍ତା କଲେ କିପରି ନିଜ ଗାଁର ଆଶାୟୀ ଯୁବକମାନଙ୍କୁ ପ୍ରଶିକ୍ଷଣ ଦେବେ। ଭାରତୀୟ ପୂର୍ବ ସେନାନୀ ସଂଘ, ଓଡ଼ିଶା ଚିଲିକା ଶାଖା ସଂପାଦକ–ସର୍ଜେଣ୍ଟ (ଏୟାରଫୋର୍ସ) ଶତ୍ରୁଘନ ପ୍ରଧାନ କୁହନ୍ତି, ମୁଁ ଅବସର ପରେ ଭୁବନେଶ୍ୱରରେ ରହି ଏକ ଘରୋଇ ପଲିଟେକ୍‌ନିକ କଲେଜରେ ପ୍ରିନ୍ସିପାଲ ଭାବେ କାର୍ଯ୍ୟ ତୁଲାଉଥିଲି । ୨୦୨୨ମସିହା ଜୁନ ୧୯ ତାରିଖ। ଖୋର୍ଦ୍ଧା ଜିଲାର ଟାଙ୍ଗିବ୍ଲକ ଅନ୍ତର୍ଗତ ରତନପୁର ଗ୍ରାମ ଠାରେ ହାତଗଣତି କେତେଜଣ ଅବସରପ୍ରାପ୍ତ ଯବାନ ଏକାଠି ହୋଇଥିଲୁ। ଗାଁର କେତେକ ପ୍ରସଙ୍ଗ ଓ ତା'ର ବିକାଶମୂଳକ ଦିଗ ସମ୍ପର୍କରେ ଆଲୋଚନା କରାଯାଇଥିଲା । ତା' ପରେ ଏହି କାର୍ଯ୍ୟରେ ଧୀରେଧୀରେ ସୋରଣ, ରତନପୁର, କୁହୁଡ଼ି, ହାଟବରଡ଼ି , ବିରିବାଡ଼ି, ହରିପୁର,ନାଚୁଣୀ, ଚଣ୍ଡେଶ୍ୱର ଦୀକ୍ଷିତପଡ଼ା, ଜୟମଙ୍ଗଳପୁର, ତରାପି ଆଦି ଆଖପାଖ ଗାଁର ପ୍ରାୟ ୮୬ଜଣ ଅବସରପ୍ରାପ୍ତ ସୈନିକଙ୍କ ସାମିଲ ହେଲେ। ଆକାଶବାହିନୀ, ଜଳବାହିନୀ ଓ ସ୍ଥଳବାହିନୀରୁ ସେବାନିବୃତ ହୋଇ ଗାଁରେ ରହୁଥିବା ଆମ ଅଞ୍ଚଳର ଯବାନମାନଙ୍କ ବନ୍ଧୁ ମିଳନ ଉତ୍ସବ ଥିଲା। ସେଠାରେ ସମସ୍ତଙ୍କ ନିଷ୍ପତ୍ତିକ୍ରମେ ଗଠନ ହେଲା ଭାରତୀୟ ପୂର୍ବ ସେନାନୀ ସଂଘ, ଓଡ଼ିଶା ଚିଲିକା ଶାଖା । ସଭାପତି କ୍ୟାପଟେନ୍ ଶଙ୍କର ବଡ଼ଜେନା, ଉପସଭାପତି ଶ୍ରୀବସ୍ତ ବୈରୀଗଞ୍ଜନ, ଯୁଗ୍ମ ସଂପାଦକ– ପବିତ୍ର ମୋହନ ବରାଳ, ଉପଦେଷ୍ଟା











ଓଡ଼ିଶା ଷ୍ଟେଟ ଏକ୍ସ ସର୍ଭିସ ଲିଗର ଏକ କାର୍ଯ୍ୟକ୍ରମ



ବିଲିପଡ଼ାରେ ସେନାନିବୃତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା



ମନ୍ମଥ କୁମାର ସିଂ ପ୍ରମୁଖ ରହିଛନ୍ତି। ଦୀର୍ଘ ବର୍ଷଧରି ସେନାବାହିନିରେ କାର୍ଯ୍ୟକରିବାର ଅନୁଭୂତିକୁ ପୁଞ୍ଜିକରିଥିବା ସେବାନିବୃତ ସେନାକର୍ମଚାରୀମାନେ ଚିନ୍ତାକଲେ ପ୍ରତ୍ୟେକ ଗାଁରେ କିପରି ଯୋଗ୍ୟ ଓ ଦକ୍ଷ ଯବାନ ବାହାରିବେ। ସେଥିପାଇଁ ଶିକ୍ଷିତ ଯୁବକମାନଙ୍କ ଯୋଗ୍ୟତା ଓ ଦକ୍ଷତାକୁ ଭିତ୍ତିକରି ସେମାନଙ୍କ ଶାରୀରିକ ଦକ୍ଷତା କିପରି ରହିବା ଆବଶ୍ୟକ ସେଥିପାଇଁ ଅଭିଜ୍ଞତାସମ୍ପନ୍ନ ଅତିଥି ପ୍ରଶିକ୍ଷକଙ୍କ ଠାରୁ ପରାମର୍ଶ ନିଆଯାଇଥାଏ। ଏଥିଯୋଗୁ ଆର୍ମି, ନେଭି, ଏୟାରଫୋର୍ସ, ସିଆର୍‌ପିଏଫ୍, ବିଏସ୍‌ଏଫ୍, ସିଆଇଏସ୍‌ଏଫ୍, ଏନ୍‌ଆଇଏ, ଆଇଟିବିପି, ଆରଆଇଏଫଏଲଇ, ଓପିଏସଆଇ ଆଦି ବିଭାଗରେ ନିଯୁକ୍ତି ପାଇଁ ମାଗଣାରେ ତାଲିମ କୌଶଳ ଆଦି ଶିକ୍ଷା ପ୍ରଦାନ କରାଗଲା। ଯାହାଫଳରେ ଯୁବପିଢ଼ିଙ୍କ ମଧ୍ୟରେ ସେନାବାହିନୀ ପ୍ରତି ଆଗ୍ରହ ବଢିଲା। ଏହାଛଡ଼ା ଏହି ଅବସରପ୍ରାପ୍ତ ସେନା କର୍ମଚାରୀମାନେ ସ୍ଥାନୀୟ ସୋରଣ, କୁହୁଡ଼ି, ରତନପୁର ଆଦି ଗ୍ରାମରେ ମାଗଣାରେ ସ୍ୱାସ୍ଥ୍ୟ ସଚେତନତା ସେବା ଶିବିର, ପରିବେଶ ସୁରକ୍ଷା ଲାଗି ବୃକ୍ଷ ରୋପଣ, ଅମୃତ ମହୋତ୍ସବ, ଭାରତୀୟ ସେନା ଦିବସ,କାରଗିଲ ବିଜୟ ଦିବସ, ଅଗଷ୍ଟ ପନ୍ଦର, ଜାନୁୟାରୀ ୨୬, ଜାତୀୟ ସଂହତି, ଯୋଗଶିବିର ଆଦି କାର୍ଯ୍ୟକ୍ରମ ପାଳନ କରିଥାନ୍ତି। ସ୍ଥାନୀୟ ସ୍କୁଲ କଲେଜର ଛାତ୍ରୀଛାତ୍ରଙ୍କ ମନରେ ଦେଶ ପ୍ରୀତି ଜାଗ୍ରତ ଉଦ୍ଦେଶ୍ୟରେ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟକ୍ରମ କରାଯାଇ ସେମାନଙ୍କୁ ପୁରସ୍କୃତ କରାଯାଇ ଆସୁଛି।

**ଶିକ୍ଷିତ ଯୁବକଙ୍କ ସାହାରା କଳିଙ୍ଗ ଉତ୍କଳ ଡିଫେନ୍ସ ଏକାଡେମୀ:** ପୋଲିସ ପ୍ରତିରକ୍ଷା ବିଭାଗରେ ପ୍ରବେଶ ପାଇଁ ଚାହୁଁଥିବା ଯୁବତୀଯୁବକଙ୍କୁ ସାହାରା ଦେଉଛି କଳିଙ୍ଗ ଉତ୍କଳ ଡିଫେନ୍ସ ଏକାଡେମୀ । ୨୦୨୧ରେ ବାଲେଶ୍ୱର ଜିଲାର ଖଇରା ବ୍ଲକରୁ ପ୍ରତିରକ୍ଷା ବିଭାଗରେ କାର୍ଯ୍ୟ କରୁଥିବା ୩ ଯବାନ ଏହି ଅଞ୍ଚଳରେ କିଛି ନୂଆ କରିବାର ସ୍ୱପ୍ନ ନେଇ ଏକ ଏକାଡେମୀ ଖୋଲିଥିଲେ। ସ୍ଥାନୀୟ ନୟାଖଣ୍ଡି ସ୍କୁଲ ପଡିଆରେ ପ୍ରଥମେ ଅଳ୍ପ କିଛି ପିଲାଙ୍କୁ ଡାକି ଏହି କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ଏବେ ୧୭ଜଣ ଯବାନ ପାଳିକରି ଛୁଟିରେ ଗାଁକୁ ଆସି ମାଗଣାରେ ଯୁବକମାନଙ୍କୁ ଶାରୀରିକ ତାଲିମ ପ୍ରଦାନ କରୁଛନ୍ତି । ସେହିଭଳି ଲିଖିତ ପରୀକ୍ଷା ପ୍ରସ୍ତୁତି ପାଇଁ ମଧ୍ୟ ୩ଜଣ ଉଚ୍ଚଶିକ୍ଷିତ ଯୁବକ ତାଲିମଦାତା ଭାବେ ଦାୟିତ୍ୱ ତୁଲାଉଛନ୍ତି। କେବଳ ଯବାନ ନୁହନ୍ତି ସେମାନଙ୍କର ମା' ଓ ପତ୍ନୀମାନେ ମଧ୍ୟ ଏକାଡେମୀ ପରିଚାଳନାରେ ସାମିଲ ହୋଇଛନ୍ତି। ୧୫ରୁ ଅଧିକ ଯୁବତୀ ଯୁବକ ଓଡ଼ିଶା ପୋଲିସ, ଆସାମ ରାଇଫଲ୍ସ, ବିଏସ୍‌ଏଫ୍, ସିଆର୍‌ପିଏଫ୍‌ରେ ଯୋଗଦେଇଥିବା ବେଳେ ପ୍ରାୟ ୨୨ଜଣ ଅଗ୍ନିବୀର ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଖଇରା ଆଖପାଖ ଅଞ୍ଚଳରୁ ଆସୁଥିବା ପିଲାମାନେ ଏବେ ଏଥିରେ ସାମିଲ ହୋଇଛନ୍ତି। ଏଥିଯୋଗୁ ପ୍ରାୟ ୭୦ଜଣ ଏବେ ତାଲିମ ନେଉଛନ୍ତି।

**ଆଗାମୀପିଢ଼ିଙ୍କୁ ପ୍ରେରଣା ମିଳିଥାଏ:** ଓଡ଼ିଶା ଷ୍ଟେଟଏକ୍ସ ସର୍ଭିସ ଲିଗ ହେଉଛି ଏକ ସ୍ୱେଚ୍ଛାସେବୀ ସଂଗଠନ; ଯାହାକି ୧୯୭୭ରେ ଆରମ୍ଭ ହୋଇଥିଲା। ଏହାର ସମସ୍ତ ସଦସ୍ୟ ହେଉଛନ୍ତି ଅବସର ପ୍ରାପ୍ତ ସେନା ଅଧିକାରୀ । ଏକ୍ସ ସର୍ଭିସମ୍ୟାନ (ଇଏସ୍‌ଏମ୍) ଏବଂ ସେମାନଙ୍କ ଉପରେ ନିର୍ଭରଶୀଳ ପରିବାରବର୍ଗଙ୍କୁ ପେନ୍‌ସନ, ଆଲୋଆନ୍‌ସ, ୱାର ଗ୍ରାଚୁଉ୍‌ଏସ, ରିସେଟେଲମେଣ୍ଟ ଏବଂ ଓଡ଼ିଶା ସରକାରଙ୍କ ମାଧ୍ୟମରେ ଥଇଥାନ କରିବା ଆଦି ଉଦ୍ଦେଶ୍ୟ ନେଇ ଏହା ଆରମ୍ଭ ହୋଇଥିଲା। ତେବେ ଓଏସଇଏଲ ବା ଓଡ଼ିଶା ଷ୍ଟେଟ ଏକ୍ସ ସଭିସ ଲିଗ୍, ଭାରତୀୟ ଏକ୍ସ ସର୍ଭିସ ଲିଗ ସହ ସହବନ୍ଧିତ। ଆଇଇଏସସି ଦିବଂଗତ ଫିଲ୍‌ଡ ମାର୍ଶାଲ କେଏମ କରିଆପା ଓବିଇ ଏବଂ ଦିବଂଗତ ଜେନେରାଲ ଏକ୍ସ ଥିମାୟା ଡିଏସଓଙ୍କ ଦ୍ୱାରା ଏହା ଗଠନ କରାଯାଇଥିଲା। ଏହା ଓଡ଼ିଶା ସରକାରଙ୍କ ସ୍ୱୀକୃତିପ୍ରାପ୍ତ ସଂଗଠନ ଏବଂ ଏହା ଆଇଇଏସଏଲ ଇଣ୍ଡିଆ ଦ୍ୱାରା ମାନ୍ୟତାପ୍ରାପ୍ତ । ଓଏସଇଏଲ ସାଧାରଣ ସଂପାଦକ କର୍ଣ୍ଣେଲ ପ୍ରଶାନ୍ତ କୁମାର ସିଂ କୁହନ୍ତି, 'ସଭାପତି-ବ୍ରିଗେଡିୟର ଅନ୍ତର୍ଯ୍ୟାମୀ ପ୍ରଧାନ, ସିନିୟର ପ୍ରେସିଡେଣ୍ଟ ଉଇଙ୍ଗକମାଣ୍ଡର ନନ୍ଦକିଶୋର ସାମଲ, ଉପସଭାପତି-କର୍ଣ୍ଣେଲ ପ୍ରଦ୍ୟୁମ୍ନ ପ୍ରଧାନ, ସୁବେଦାର ମେଜର ପ୍ରଶାନ୍ତ ଦାସ, ଯୁଗ୍ମ ସଂପାଦକ ସୁବେଦାର ଉମାକାନ୍ତ ବେହେରା, ପ୍ରଦୀପ ଗିରି, ନୃସିଂହ ଚରଣ ପଣ୍ଡା, ଗୋପାଳ ସ୍ୱାଇଁ, ମାନସ ଶତପଥୀ, ଲ୍ୟୁଟନାଣ୍ଟ କର୍ଣ୍ଣେଲ ଲୋକନାଥ ସାହୁ ପ୍ରମୁଖ ସଂଗଠନର ପରିଚାଳନା ଦାୟିତ୍ୱ ତୁଲାଉଛନ୍ତି। ଓଡ଼ିଶାର ବିଭିନ୍ନ ଜିଲା ଓ ବ୍ଲକରେ ପ୍ରାୟ ୮ହଜାର ସଦସ୍ୟ ଅଛନ୍ତି । ଏହି ସଂସ୍ଥା ଗଠନ ଜରିଆରେ ଅବସରପ୍ରାପ୍ତ ସେନାଅଧିକାରୀ ମାନେ ବିଭିନ୍ନ ସମୟରେ କେତେକ ଅନୁଷ୍ଠାନ ଜରିଆରେ ଯୁବକ ମାନଙ୍କୁ ଶାରୀରିକ ଦକ୍ଷତା ବୃଦ୍ଧି ପାଇଁ ତାଲିମ ଶିବିର ଆୟୋଜନ କରିଥାନ୍ତି। ଏହାଛଡ଼ା ବିଭିନ୍ନ ସମାଜ ମଙ୍ଗଳ କାର୍ଯ୍ୟରେ ସାମିଲ ହୋଇଥାନ୍ତି। ଭାରତୀୟ ସେନା ଦିବସ, ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ, ଅମର ଶହୀଦମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଆଦି କାର୍ଯ୍ୟକ୍ରମ ବି ଆୟୋଜନ କରିଥାଆନ୍ତି।

ଦେଶ ସୁରକ୍ଷାରେ ସଜାଗ ରହୁଥିବା ଏହି ସୈନିକମାନେ ସେବାନିବୃତ ହେବାପରେ ମଧ୍ୟ ଦେଶସେବାକୁ ହିଁ ନିଜର ଧର୍ମ ବୋଲି ମାନି ନେଇଛନ୍ତି। ଯେଉଁଥିପାଇଁ ଗାଁକୁ ଫେରି ଗାଁର ସୁରକ୍ଷା ଓ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା ସହ ଯୁବତୀଯୁବକମାନେ କିପରି ସେନାବାହିନୀରେ ଯୋଗ ଦେଇ ଦେଶକୁ ସୁରକ୍ଷା ଦେବେ ସେଥିପାଇଁ ସେମାନଙ୍କୁ ମାଗଣାରେ ପ୍ରଶିକ୍ଷଣ ଦେଉଛନ୍ତି।

**-ବନବିହାରୀ ବେହେରା, ରଞ୍ଜିତ ରାଉତ, ଉତ୍କଳବନ୍ଧୁ ପଣ୍ଡା , ଲୋକନାଥ ମିଶ୍ର**



ଭାରତୀୟ ପୂର୍ବ ସେନାନୀ ସଂଘ, ଓଡ଼ିଶା ଚିଲିକା ଶାଖା, ରତନପୁର





# ନିଆରା ପାଠକ ଶିବସୁନ୍ଦର

"ଲେଖକର ପରମାୟୁ ପାଠକର ହୃଦୟରେ" ବୋଲି ଖବରକାଗଜର ଏକ ସ୍ତମ୍ଭରେ ଲେଖିଛନ୍ତି ଅଧ୍ୟାପକ ବିଶ୍ୱରଞ୍ଜନ ସେହି ପାଠକଙ୍କ କଥା ଯାହାଙ୍କ ହୃଦୟ ଓ ମନରେ ଘର କରି ରହିଛନ୍ତି ଓଡ଼ିଶାର କୋଣଅନୁକୋଣରେ ରହିଥିବା ଅଗଣିତ କବି ଓ କଥାକାର । କୁଚିଣ୍ଡାର ବିଶିଷ୍ଟ ଅନୁବାଦକ, ସ୍ତମ୍ଭକାର ପ୍ରଦୀପ କୁମାର ରାୟ ହୁଅନ୍ତୁ କି ରାୟଗଡ଼ାର ତରୁଣ ଲେଖକ ଶିବସୁନ୍ଦର ପାଣିଗ୍ରାହୀ, ଢେଙ୍କାନାଳର ଯୁବକବି ପୂରବୀ ଶତପଥୀ ହୁଅନ୍ତୁ କି ବାରିପଦାର ବୟୋଜ୍ୟେଷ୍ଠ କବି ଓ ଲେଖକ ବୃନ୍ଦାବନ ଦାଶ ସମସ୍ତଙ୍କ ପାଖକୁ ଫୋନ୍ ଯାଏ ତାଙ୍କର । ପ୍ରକାଶିତ ଲେଖାଟିକୁ ଆମୂଳଚୁଳ ପାଠ କରି ତା'ର ମଧୁର ଭାଗର ରସକୁ ଆସ୍ୱାଦନ କରି ସେ ପ୍ରତିକ୍ରିୟା ରଖନ୍ତି ଫୋନ୍ କିମ୍ବା ଚିଠିରେ । ସେହି ପ୍ରତିକ୍ରିୟା ସାମର୍ଥ୍ୟ ରଖିଥାଏ  ପ୍ରତ୍ୟୟ ଦେବାପାଇଁ ପ୍ରତି ଲେଖକଙ୍କୁ ଯେ ସେ କିଛି ଲେଖୁଛନ୍ତି କି କରୁଛନ୍ତି ସାହିତ୍ୟ ପାଇଁ  ସମାଜ ପାଇଁ । ଏଇ 'କିଛି' ଭାବ ମହତ୍ତ୍ୱ ରଖେ ସର୍ଜକ ପାଇଁ ତା' ସର୍ଜନାର ଯାତ୍ରାକୁ ଦୀର୍ଘ ଓ ଫଳପ୍ରସୂ କରିବା ଲାଗି । ଆଉ ସେହି 'କିଛି' ଭଳି ଗୁରୁତ୍ୱପୂର୍ଣ୍ଣ କାମ ଶିବସୁନ୍ଦର ମିଶ୍ର କରୁଥାନ୍ତି ନିରନ୍ତର ଲେଖକଙ୍କ ପାଇଁ ସମ୍ମାନରେ, ପ୍ରେମରେ ଏବଂ ନିଃସର୍ତ୍ତରେ ।



ଏକଦମ୍  ସରଳ ଓ ନିରାଡ଼ମ୍ବର ଲାଗୁଥିବା ଶିବସୁନ୍ଦର ମିଶ୍ରଙ୍କ ଜନ୍ମ ୬ ମେ ୧୯୫୦ ମସିହାରେ ପୁରୀ ସହରରେ । ପିତା ରାମଚନ୍ଦ୍ର ମିଶ୍ର ଆଙ୍ଗ୍ଲୋ ବେଙ୍ଗଲୀ ବିଦ୍ୟାଳୟରେ ଶିକ୍ଷକତା କରିବା ସହ କବିତା ବି ଲେଖୁଥିଲେ । ରାମଚନ୍ଦ୍ର ସୃଷ୍ଟିସମ୍ଭାର, ଦକ୍ଷିଣକାଳୀ ଜଣାଣ, ମିତବୋଧିନୀ ଚଉତିଶା ଭଳି ପୁସ୍ତକର ରଚୟିତା ପିତାଙ୍କ ସାହିତ୍ୟିକ ବ୍ୟକ୍ତିତ୍ୱର ପ୍ରଭାବ ପଡିଥିଲା ପୁତ୍ର ଶିବସୁନ୍ଦରଙ୍କ ଉପରେ । ବାଳକ ଥିଲାବେଳେ ହିଁ ହରେଇଥିଲେ ପିତାଙ୍କୁ । ପିତାଙ୍କ ମୃତ୍ୟୁ ପରେ ଅଭାବ ଉତ୍କଟ ଥିଲା ତଥାପି ଅଟକି ଯାଇ ନ ଥିଲେ ଶିବ ।  ପୁରୀ ମ୍ୟୁନିସିପାଲ ହାଇସ୍କୁଲରୁ ମାଟ୍ରିକ ପାସ୍ କରି ନାଁ ଲେଖାଇଥିଲେ ଏସ୍‌ସିଏସ୍ କଲେଜରେ ।  ଡିଗ୍ରୀ ପ୍ରଥମ ବର୍ଷ ପରେ ଶିବସୁନ୍ଦର କଳାହାଣ୍ଡି ଜିଲାର ନର୍ଲା ବ୍ଲକ ଅଧୀନ ରୁପ୍ରା  ମଧ ଇଂରାଜୀ ବିଦ୍ୟାଳୟରେ ବର୍ଷେ ଶିକ୍ଷକତା କଲେ । ପାଠପଢ଼ାର ଆଗ୍ରହ ପୁନଶ୍ଚ ଟାଣିଆଣିଥିଲା ତାଙ୍କୁ ସ୍ନାତକ ଡିଗ୍ରୀ ହାସଲ କରିବା ପାଇଁ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟକୁ । କଳାହାଣ୍ଡିରେ ନର୍ଲା ବ୍ଲକସ୍ଥ ତୁଲାପଡା ଗ୍ରାମର ଦାମୋଦର ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ୨୬  ବର୍ଷର ଶିକ୍ଷକତା ପରେ ଶେଷ ୯ ବର୍ଷ ସେ ସର୍ବପଲ୍ଲୀ ବିଦ୍ୟାପୀଠ ପୁରୀରେ କାମ କରିଥିଲେ ।



ସୋସିଆଲ ମିଡିଆର ଆବିର୍ଭାବ ପରେ ଲେଖାପଢ଼ା ଜାଣିଥିବା ପ୍ରତିଟି ମଣିଷ କବି, ଲେଖକ, ପ୍ରାବନ୍ଧିକ, ସାମ୍ବାଦିକ ହୋଇ କେବଳ ଲେଖିଚାଲିଥିଲାବେଳେ ଶିବ ମିଶ୍ର ଜଣେ ସାନ୍ତ୍ୱନା  । ସଭିଏ ଲେଖିଲେ ପଢିବ କିଏ ପ୍ରଶ୍ନ ପାଇଁ ଶିବସୁନ୍ଦର ମିଶ୍ର ଜଣେ ପ୍ରେରଣା । ପୁରୀର ଅନେକ ଛୋଟ ବଡ଼ ସାହିତ୍ୟ ଓ ସଂସ୍କୃତି ସଂଗଠନର ସେ ସମ୍ପାଦକ, ପ୍ରସାର ପରିଚାଳକ, ସଭାପତି ଓ ଦିଗ୍‌ଦର୍ଶକ । ଭକ୍ତି ଅର୍ଘ୍ୟ, ତାନପୁରା, ସୁଲେଖା ଭଳି ପତ୍ରିକା ସହ ସେ ସମ୍ପୃକ୍ତ । କେଉଁଠି ସେ ସମ୍ପାଦକ, ସହ ସମ୍ପାଦକ  କେଉଁଠି ବି  ସେ ମଞ୍ଚ ପରିଚାଳକ । ଅନେକ ସାହିତ୍ୟ ସଭାର ସେ କେଉଁଠି ଆୟୋଜକ ହୋଇ ଶାନ୍ତ ଭାବରେ ଭୂମିକା ତୁଲାଉଥାନ୍ତି ତ ବେତାର କେନ୍ଦ୍ରରେ ସଂଯୋଜକ ହୋଇ ବାନ୍ଧି ରଖିଥାନ୍ତି ଶ୍ରୋତାଙ୍କୁ ନିଜ ସୁନ୍ଦର ଉପସ୍ଥାପନାରେ । କାହା କାହା ପାଇଁ ମନପ୍ରାଣ ଦେଇ ମାନପତ୍ର ଲେଖୁଥାନ୍ତି ତ କାହା ଲାଗି ପାଠକୀୟ ଅଭିମତ ।  ନେପଥ୍ୟରେ ଥାଇ ଅନେକଙ୍କ ପାଇଁ ସେ ତିଆରି କରୁଥାନ୍ତି ସଫଳତାର ରୂପରେଖ । ପ୍ରସ୍ତୁତ କରୁଥାନ୍ତି ଛାଞ୍ଚ ଦୃଶ୍ୟମାନ ରୂପର । ଲେଖକ ଲେଖେ, ପାଠକ ପଢ଼େ । ହେଲେ ଶିବ ମିଶ୍ର  ପରବର୍ତ୍ତୀ ପର୍ଯ୍ୟାୟକୁ ଯାଇ ମୂଲ୍ୟାୟନ କରନ୍ତି ଲେଖାର ଏବଂ ଜଣେଇବାକୁ ଚେଷ୍ଟିତ ଥାଆନ୍ତି ନିରନ୍ତର । ଫୋନ୍ କରନ୍ତି, ଚିଠି ଲେଖନ୍ତି, ଦେଖା ହେଲେ କୁହନ୍ତି । ଲେଖାଟି ସହ ସେ ଏତେ ଏକାତ୍ମ ହୋଇଥାନ୍ତି ଯେ ଲେଖକଟି ତାଙ୍କଠାରୁ ଉତ୍ସାହପ୍ରଦ କଥା ପଦେ ଶୁଣି ନିଶ୍ଚୟ ଆତ୍ମପ୍ରଶାନ୍ତି ଲାଭ କରିବ । ନିଜ ବାସଭବନରେ ସୁନାମଣି ପାଠାଗାର ସ୍ଥାପନ କରି ସେ ଆଜିକାଲି  ବହି ସହ ଭାବ ତିଆରି କରିଛନ୍ତି । ନିଜେ ପଢ଼ିବା ସହ ବନ୍ଧୁ ବାନ୍ଧବ ପାଖ ପଡ଼ୋଶୀଙ୍କୁ ପଢ଼ିବା ପାଇଁ ଉତ୍ସାହିତ କରୁଛନ୍ତି । ସବୁବେଳେ ସକାରାତ୍ମକ ଭାବନାକୁ ଆତ୍ମାରେ ସାଇତି ସାହିତ୍ୟପ୍ରାଣ ଏହି ନିଆରା ମଣିଷଙ୍କ ସଂସାରକୁ ସମ୍ଭାଳି ନେଇଛନ୍ତି ଧର୍ମପତ୍ନୀ ଭବାନୀ ମିଶ୍ର । ପତିଙ୍କ ସାହିତ୍ୟପ୍ରାଣ ମନକୁ ବୁଝି, ମୂଲ୍ୟ ଦେଇ ଗଭୀର ସମ୍ମାନର ସହ ପ୍ରେରିତ କରୁଥାନ୍ତି ସ୍ୱାମୀ ଶିବ ମିଶ୍ରଙ୍କୁ ବିଦଗ୍ଧ ପାଠକ ହିସାବରେ ଜୀବନ ଜିଇବାକୁ ।  ଲେଖକ କିଏ ପହଞ୍ଚିଗଲେ ଶିବ ମିଶ୍ରଙ୍କ ଘରେ ସଙ୍ଖୋଳି ନିଅନ୍ତି ଭବାନୀ  ଉତ୍ତମ ଆତିଥ୍ୟ ଦେଇ ।  ନିରୁତା ପାଠକର ପରିଚୟ ନେଇ ତିଷ୍ଠି ରହିବାକୁ ସେ ଅଧିକ ପସନ୍ଦ କରନ୍ତି ତେଣୁ ସମ୍ମାନ ଓ ସମ୍ବର୍ଦ୍ଧନାର ତାଲିକା ମାଗିଲେ ସେ ଅଳ୍ପ ହସି ଏଡେଇ ଯାଆନ୍ତି । ସାହିତ୍ୟର ଜଣେ ରସଗ୍ରାହୀ ଓ ଅବଗାହୀ ଭାବରେ ସେ ଗଭୀର ଓ ଛଳଛଳ । ଶିକ୍ଷା ଓ ସାହିତ୍ୟ ଉଭୟର ମଧୁର ସମନ୍ୱୟ ଘଟିଛି ତାଙ୍କ ଭିତରେ ।  ମାଳ ମାଳ ଲେଖକଙ୍କ ଭିତରେ ତାଙ୍କ ପରି ଜଣେ ପାଠକଙ୍କୁ ଚିହ୍ନିବା ଓ ଜାଣିବା ସତରେ ଜରୁରୀ ।

**–ମାନମୟୀ ରଥ**,    ସେଣ୍ଟଜାଭିୟର କିଡ୍ସ୍,
ବାଲିପୁଟ୍, ପୁରୀ, ମୋ:୭୯୭୮୫୭୯୩୯୯






# ଦେଶ ସେବା

–ନିବେଦିତା ନନ୍ଦ

ଦେବୁର ଭୁବନେଶ୍ୱର ବଦଳି ହେବା ଦିନଠୁ ଶ୍ରଦ୍ଧା ଗାଁକୁ ଗଲେ ଦେବୁ କିଣିଥିବା ଗାଡ଼ିରେ ହିଁ ଯାଏ । ଭାଇଭଉଣୀ ଖୁବ୍ ଦୁଃଖସୁଖ ହୁଅନ୍ତି ବାଟସାରା । ଦେବୁ ରାଉରକେଲାରେ ଇଞ୍ଜିନିୟରିଂ ପଢ଼ିସାରି ଦୁଇବର୍ଷ ହାଇଦ୍ରାବାଦ ଏବଂ କାନାଡ଼ାରେ ଚାକିରୀ କରିବା ପରେ ଏବେ ଭୁବନେଶ୍ୱରରେ ପୋଷ୍ଟିଂ ହୋଇଛି ।ସଫ୍ଟୱେର କମ୍ପାନିରେ କାମ କରୁଥିବାରୁ ଶନିବାର ଆଉ ରବିବାର ଦୁଇଦିନ ଛୁଟିପାଏ ଆଉ ଗାଁକୁ ଯାଏ ।

ପିଲାମାନଙ୍କ ଛୁଟି ଦେଖି ଶ୍ରଦ୍ଧା ବି ଦେବୁ ସାଙ୍ଗରେ ବାହାରେ ।ପୁଅ,ଝିଅ, ନାତି, ନାତୁଣୀ ସମସ୍ତଙ୍କୁ ଏକା ସାଙ୍ଗରେ ପାଇ ନନାବୋଉ ଖୁବ ଖୁସି ହୁଅନ୍ତି । ଏଣେ ଶ୍ରଦ୍ଧାର ସ୍ୱାମୀ ସୌରଭ ବି ଜଞ୍ଜାଳମୁକ୍ତ । ନହେଲେ କ'ଣ ସବୁ ମାସରେ ଶ୍ରଦ୍ଧା ଗାଁକୁ ଯାଇପାରନ୍ତା ଏକୁଟିଆ ରହୁଥିବା ନନାବୋଉଙ୍କ ହାଲଚାଲ ବୁଝିବାକୁ !

ସେହି ଥର ଲଗାତାର ଦୁଇ ତିନିଦିନ ଛୁଟି ପଡିଥିବାରୁ ସବୁଠି ଭିଡ଼ । ଗାଁକୁ ବାହାରିଥିବା ଶ୍ରଦ୍ଧା ଆଉ ଦେବୁ ଟଙ୍କା ଉଠାଇବାକୁ କେତୋଟି ଏଟିଏମ ବୁଲି ସାରିଥିଲେ । କେଉଁଟାରେ ଟଙ୍କା ସରିଯାଇଛି ତ କେଉଁଠି ଲମ୍ବା ଲାଇନ ଆଉ କେଉଁଠି ଏଟିଏମ ମେସିନ ଅଚଳ । ଶେଷରେ ଆଇଟିବିପି କଲୋନୀ ଗେଟକୁ ଲାଗି ଥିବା ଏଟିଏମରେ ଭିଡ଼ ଟିକେ କମ ଥିଲା । ଦେବୁ ଧାଡିରେ ଠିଆ ହେଲା । ତା ପଛକୁ ଆସି ଠିଆ ହେଲେ ୟୁନିଫର୍ମରେ ଥିବା ଜଣେ ଆର୍ମି ଜବାନ ।

–ଦେଖ ତ ...ନିଜ ଟଙ୍କା, ଟାକ୍ସ ଦେବ ପୁଣି ଲାଇନରେ ଠିଆ ହେବ ଖରାରେ... ଶଃ.. ।
ଏ ଦେଶ କେବେ ସୁଧୁରିବ କେଜାଣି.. !
ଟଙ୍କା ଧରି ଝାଳନାଳ ହୋଇ ଦେବୁ ଗାଡ଼ିରେ ବସିଲା...ଡ୍ରାଇଭ କରୁ କରୁ ଦେଶର ବ୍ୟବସ୍ଥାକୁ ଗାଳି ଦେଉଥିଲା କଡ଼ା କରି ।

–ତୋ' ପଛରେ ଥିବା ଆର୍ମିର ମଣିଷଟିକୁ ଦେଖିଲୁ... । ସେମାନେ ବର୍ଡରରେ ଦିନରାତି ଠିଆ ହୋଇଥାନ୍ତି ଖରା, ବର୍ଷା, ଶୀତକୁ ଖାତିର ନ କରି । ଯୁଦ୍ଧରେ ଥାଆନ୍ତୁ କି ନଥାନ୍ତୁ ଦେଶ ପାଇଁ ଜୀବନ ଦେଇ ଦେଇଥାନ୍ତି । କେଉଁ ସୁଖ ଖୋଜନ୍ତି କହ ସେଇଠି ?ସେମାନଙ୍କ ଯୋଗୁ ଆମେ ନିରାପଦରେ ବଞ୍ଚି ପାରୁଛେ । ଶାନ୍ତିରେ ଶୋଇ ପାରୁଛେ ।
–ତୁ ତାଙ୍କୁ ସମ୍ମାନ ଦେଇ ଆଗ ଟଙ୍କା ଉଠେଇବାକୁ ଛାଡ଼ି ଦେବାର ଥିଲା । ୟୁନିଫର୍ମରେ ଥିଲେ... ନିଶ୍ଚୟ ଡ୍ୟୁଟିକୁ ବାହାରି ଥିବେ । ସେମାନେ ଦିନ ରାତି ଏକ କରି ଦେଶର ସେବା କରୁଛନ୍ତି । ଆମେ ତ ଛୁଟିରେ ବାହାରିଛେ ସେମାନଙ୍କ ଛୁଟିର କିଛି ଠିକ ଠିକଣା ବି ନଥାଏ ।ତୁ ପିଲାଟେ ଟିକେ ଖରାରେ ଏତେ ବିରକ୍ତ ହେଉଛୁ, ସେ ସୈନିକ ଜଣଙ୍କ ତୋ ଠୁ ବୟସରେ କେତେ ବଡ଼ କିନ୍ତୁ କେମିତି ଶାନ୍ତ , ସ୍ଥିର ଥିଲେ ଦେଖିପାରିଲୁ.. ! ଶ୍ରଦ୍ଧା କହିଲା ।
ଦେବୁ ଚିଡ଼ି ଯାଇ କହିଲା, ସୈନିକମାନଙ୍କ ଦେଶସେବା ପାଇଁ ମୁଁ କାହିଁକି ସମସ୍ତେ ସେମାନଙ୍କୁ ସମ୍ମାନ ଆଉ କୃତଜ୍ଞତା ଦେଖାନ୍ତି । ହେଲେ ମୁଁ ବି ଦିନରାତି କମ୍ପ୍ୟୁଟରରେ ବସି କାମ କରୁଛି । ଆମମାନଙ୍କ ଭଳି ଇଞ୍ଜିନିୟରଙ୍କ କଠୋର ପରିଶ୍ରମରୁ ଡିଜିଟାଲ ସେବା ସମ୍ଭବ । ତୋ ଭାଇ କେତେ ଖଟୁଛି ତୁ ଜାଣି ପାରୁନୁ ?
– କ୍ରମାଗତ ବାରଘଣ୍ଟା କମ୍ପ୍ୟୁଟର୍ ସ୍କ୍ରିନ୍ ସାମ୍ନାରେ ସମସ୍ତେ ବସିପାରିବେ କି ? ନା ତୋ ଭଳି ସମସ୍ତଙ୍କ ମନ ନେଇ ମୁଁ ଘରର ସବୁ କାମ କରିପାରିବି ? ଆଉ ଯେଉଁ ଦିନରାତି କଥା କହିଲୁ ନା... ଆମ ଦେଶରେ ରାତି ହେଇଥିଲା ବେଳେ ଗ୍ଲୋବ ଆରପଟର ଅଧିକାଂଶ ଦେଶରେ ଦିନ ଆଉ ଏଠି ଦିନ ହେଲେ ସେଠି ରାତି । ସମନ୍ୱୟ ରକ୍ଷା କରି କାମ କରିବାକୁ ପଡ଼େ । ଆରାମ କରିବାକୁ ଫୁରସତ୍ କେଉଁଠି.. ?ଦୈନନ୍ଦିନ ଜରୁରୀ ସେବା ଯେମିତି ବ୍ୟାଙ୍କିଙ୍ଗ, ଟ୍ରାଫିକ୍, ଟେଲିକମ୍,ମେଡିକାଲଠୁ ଆରମ୍ଭ କରି ସାଟେଲାଇଟ୍ ନିୟନ୍ତ୍ରଣ ଆଉ ପରିଚାଳନା ପାଇଁ ଆମେ ଚବିଶ ଘଣ୍ଟା ଆଲର୍ଟ । ଆମ ଦେଶସେବା ତୋତେ ଦିଶୁନି..ନାନୀ ? ଯିଏ ଯାହା ବାଟରେ କାମ କରୁଥାନ୍ତି ନିଜ ପାଇଁ , ଦେଶ ପାଇଁ । ପୁଲାଏ ଠକ , ଖଣ୍ଟ ଭିତରେ ପଶି ଫାଇଦା ନେଉଛନ୍ତି ବୋଲି ଆମେ ସମସ୍ତେ ହଇରାଣ ହେଉଛୁ । ମୁଁ ସେମାନଙ୍କ ଉପରେ ବିରକ୍ତ ହେଉଥିଲି ।" ଦେବୁ ଗାରୁ ଗାରୁ ହେଇ କହିପକେଇଲା ।
କିଛି ସମୟ ପରେ ଶାନ୍ତ ହୋଇ ଦେବୁ କହିଲା ଶାସ୍ତ୍ରୀ କହିଥିଲେ ଜୟ ଯବାନ ଜୟ କିଷାନ । ଯାହାକୁ ଯେଉଁ କାମ ମିଳିଛି ତାକୁ ନିଷ୍ଠାପର ଭାବରେ ତୁଲେଇବା ହେଉଛି ଦେଶପ୍ରେମ ଯାହା ତୁ କରୁଚୁ ମୁଁ କରୁଛି , ଶିକ୍ଷକ, ଶ୍ରମିକ , ସାମ୍ବାଦିକ , ଡାକ୍ତର ଚପରାଶୀ ସମସ୍ତେ କରୁଛନ୍ତି । ଯାହା ଦାୟିତ୍ୱରେ ଯେତିକି ସାଧୁତା ତାର ଦେଶପ୍ରେମ ସେତିକି । ଶ୍ରଦ୍ଧା ସ୍ତବ୍ଧ ହୋଇ ଚାହିଁଥିଲା ସାନ ଭାଇକୁ । ତା ଆଖି ଆଗରେ ଦେଶସେବାର ଏକ ନୂଆ ଚିତ୍ର ଉନ୍ମୋଚିତ ହେଉଥିଲା ।

*–ବି /ଏମ,୪୦*
*ବାସନ୍ତୀ କଲୋନୀ, ରାଉରକେଲା*
*ମୋ: ୮୨୪୯୪୪୨୫୭୩*

## ଢେର ହେଲାଣି ରାତି

–ନୃସିଂହ ତରାଇ

ରାତି ବଢୁଛି
ଢେର ହେଲାଣି ରାତି
କିଟ କିଟ ଅନ୍ଧାରରେ
ଧିମେଇ ଯାଉଛି ପାଦ
କଳା ରଙ୍ଗର କଷାଘାତରେ
ଦରଜ ଦେହ ।

ଏବେ ସବୁ ରାତି
ଏମିତି ଡ଼ହଡ଼ହ ଅନ୍ଧାର
ଆଗଠୁ ଢେର ଗାଢ
ନିଶାସକ୍ତ, ମାତାଲ... ।

ଗୋଟେ ସାପ ପରି
ଯେମିତି ଗୁଡେଇ ହେଇ ଯାଉଛି ଛାତିରେ
ଦେହର ଦୁଆର ଡେଇଁ
ଧସେଇ ପଶୁଛି
ଚେତନାର ଚଉହଦିରେ ।

ଅନ୍ଧାରର ଅଂହକାରରେ
ଲିଭିଯାଉଛି ଯେତେ
ତାରାଫୁଲ,
ଓ ଜହ୍ନର ମହକ
ପାଦେ ପାଦେ ଚିତ୍ରେଇ ଦେଉଛି
କେହି ଜଣେ
ଭୟର ଭୁଲୋକ ।

ଢେର ହେଲାଣି ରାତି
ରୁନ୍ଧି ହେଲେଣି ପଥ
ନିବୁଜ ହେଇ ଗଲେଣି
ଆକାଶ, ମାଟି
ଓ ସୀମାନ୍ତର ଶେଷ ପ୍ରସ୍ତ ।

ଏବେ ଅନ୍ଧାରର
କେତେ କେତେ ଅଦଉତି,
ବଡ଼ଲୋକିପଣର ବହପରେ
ଧୀରେ ଧୀରେ କୋଳେଇ ନେଉଛି
ଚଉଦିଗ,ଚତୁରଙ୍ଗି ସ୍ୱପ୍ନ
ଜୀବନର ଯେତେ ସବୁ
ମହାର୍ଘ୍ୟ ମୁହୂର୍ତ୍ତ ।

*–ପୂର୍ବତଟ ରେଳବାଇ, ଭୁବନେଶ୍ୱର*
*ମୋ: ୭୯୭୮୩୮୧୨୧୩*

## ଅର୍ଜୁନ

–ପବିତ୍ର ମୋହନ ଦାଶ

ବାରମ୍ବାର
ସଜାଇ ଦେଉଥାଅ ମତେ
ଯୋଦ୍ଧା ବେଶରେ
ତମ ରକ୍ତର ଶ୍ଳୋକରେ ।

ବାରମ୍ବାର ମୁଁ
ଫେରି ଆସୁଥାଏ ଯୁଦ୍ଧକ୍ଷେତ୍ରରୁ
ନିଜର ନପୁଂସକ ପଣରେ ।

*–ଇଂରାଜୀ ବିଭାଗ , ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ , ବାଲିପୁଟ , ପୁରୀ*
*ମୋ: ୯୪୩୭୨୦୭୫୪୮*






ମୁସକାନ୍-ଦୀପକ

# ଶୁଭଦିନକୁ ଅପେକ୍ଷା

ନୂଆ ଓଡିଆ ସିନେମା 'ଆଇନା କେବେ ମିଛ କହେନା'କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଦୀପକ। କାରଣ ସେ ଏହି ଫିଲ୍ମରେ ଏକ ଭିନ୍ନ ଧରଣର ଭୂମିକାରେ ଅଭିନୟ କରୁଛନ୍ତି। ଅନ୍ୟପକ୍ଷରେ ଏହାର କାହାଣୀରେ ରହିଛି ପାରିବାରିକ ଛିଟା। ଲଭ୍ ଷ୍ଟୋରିର ଝଲକ ମଧ୍ୟ ଦର୍ଶକ ଏଥିରେ ଦେଖିବାକୁ ପାଇବେ। ଏହି ଫିଲ୍ମର ସେନ୍‌ସର୍ କାମ ଶେଷ ହେବା ସହ ରିଲିଜ ଡେଟ୍ ଘୋଷଣା ବାକି ରହିଛି । ଦୁଇ ଭାଇଙ୍କ ଭିତରେ ଥିବା ସ୍ନେହ କେତେ ଅନାବିଳ ହୋଇପାରେ ତାହା ଏଥିରେ ଦେଖିବାକୁ ମିଳିବ। ନିଜ ରୋଲ୍ ବିଷୟରେ ଦୀପକ କୁହନ୍ତି, 'ଏହି ଫିଲ୍ମର କାହାଣୀରେ ଅନେକ ନୂଆ କଥା ରହିଛି। ଲଭ୍, ଇମୋଶନ, କମେଡିର ମଜା ଦର୍ଶକ ଏଥିରୁ ପାଇପାରିବେ। ଏଥିରେ ମୁଁ ସାନଭାଇ ଭୂମିକାରେ ଅଭିନୟ କରିଛି। ଫିଲ୍ମଟି ଦର୍ଶକଙ୍କ ମନକୁ ଛୁଇଁବ ବୋଲି ମଧ୍ୟ ଆଶା ରହିଛି।' ଚିତ୍ରଟିର ପ୍ରଯୋଜନା ଆଶିଷ ସିହ୍ନା କରିଛନ୍ତି ଏବଂ ନିର୍ଦ୍ଦେଶନା ଭାର ତୁଲାଇଛନ୍ତି ଶ୍ରୀତମ ଦାସ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ୍ ମଜୁମ୍‌ଦାର। ଏହି ସିନେମାରେ ଦୀପକଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ନବାଗତ ମୁସ୍‌କାନ। ଏମାନଙ୍କ ବ୍ୟତୀତ ଶ୍ରୀତମ ଦାସ, ହରିହର ମହାପାତ୍ର ଏବଂ ସୁକାନ୍ତ ରଥଙ୍କୁ ମଧ୍ୟ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।

# ପାରିଶ୍ରମିକ ପାଇଁ...

ଦିଶା ପଟାନିଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ଶୁଣିବାକୁ ମିଳୁଛି ଯେ ଏକ ନୂଆ ସିନେମା ପାଇଁ ସେ କୁଆଡ଼େ ଅଧିକ ପାରିଶ୍ରମିକ ଡିମାଣ୍ଡ କରିଛନ୍ତି। କିନ୍ତୁ ଯେତେବେଳେ ଏଭଳି ଆଲୋଚନା ବିଷୟରେ ସେ ଜାଣିବାକୁ ପାଇଲେ କେମିତି ବା ଥୟ ହୋଇ ବସିରହନ୍ତେ ? ଶେଷକୁ ଏ ନେଇ ସଫେଇ ଦେଇଛନ୍ତି ଦିଶା। ପାରିଶ୍ରମିକ ବିଷୟରେ ସେ କହନ୍ତି, ''ଯେଉଁ କଥା ମୁଁ ଆପଣଙ୍କ ନିକଟରୁ ଶୁଣୁଛି ତାହା ପଛରେ ଆଦୌ ସତ୍ୟତା ନାହିଁ। କାରଣ ଏବେ ମୁଁ ମୋ ରେମ୍ୟୁନିରେଶନ ବଢ଼ାଇନାହିଁ। କେହି ହୁଏତ ମୋ ବିରୁଦ୍ଧରେ ଅପପ୍ରଚାର ଚଳାଇଛି। ଏପରି କଥାକୁ କେହି ବିଶ୍ୱାସ କରିବା ଠିକ୍ ନୁହେଁ। ଏକଥା ସତ ଯେ ନିକଟରେ ଜଣେ ନୂଆ ପ୍ରଯୋଜକ ମୋତେ ତାଙ୍କ ଫିଲ୍ମରେ ଆକ୍ଟିଂ କରିବାକୁ ଅଫର ଦେଇଛନ୍ତି ଏବଂ ସେଥିରେ ମୁଁ ରାଜି ହୋଇଛି। ଏଥିରେ ମୋତେ ଦର୍ଶକ ଆକ୍ସନ ଅବତାରରେ ଦେଖିବାକୁ ପାଇବେ। ହେଲେ ଏହି ଫିଲ୍ମ ପାଇଁ ମୁଁ ପାରିଶ୍ରମିକ ବଢ଼ାଇ ଦେଇଛି ଏବଂ ସେଥିରେ ପ୍ରଯୋଜକ ରାଜି ହୋଇଛନ୍ତି–ଏକଥା ଗୁଜବ ବ୍ୟତୀତ ଆଉ କିଛି ନୁହେଁ। ମୁଁ ସବୁବେଳେ ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିବାକୁ ପସନ୍ଦ କରିଥାଏ।' ତେବେ ଏଭିଳ କଥା ପଛରେ କି ସତ୍ୟତା ରହିଛି ତାହା କେବଳ ଦିଶାଙ୍କୁ ହିଁ ଜଣା।


ଦିଶା ପଟାନି

# କ୍ରିସ୍-୪

ବଲିଉଡ୍‌ର ବିଶିଷ୍ଟ ନିର୍ଦ୍ଦେଶକ ରାକେଶ ରୋଶନଙ୍କର କ୍ରିସ୍ ସିରିଜ୍‌ର ଚତୁର୍ଥ ସିକୁଏଲ୍ 'କ୍ରିସ୍-୪'କୁ ନେଇ ଏବେ ଚର୍ଚ୍ଚା। ଫିଲ୍ମଟି କେବେ ରିଲିଜ ହେବ ସେ ନେଇ କଳ୍ପନା ଜଳ୍ପନା ଲାଗିରହିଥିବା ବେଳେ ସେଥିରେ ଅନ୍ତ ଘଟାଇଛନ୍ତି ଏହାର ନିର୍ଦ୍ଦେଶକ ରାକେଶ। ସେ କହିଛନ୍ତି ଯେ, 'କେତେକ କାରଣରୁ ଫିଲ୍ମଟିର କାମ ପଛେଇ ଯାଇଥିଲା। ଏବେ ତାହା ପୂରାଦମ୍‌ରେ ଚାଲିଛି। ତା'ସହ ଏବର୍ଷ ଫିଲ୍ମଟିକୁ ରିଲିଜ କରିବାକୁ ଯୋଜନା ରଖିଛୁ। ଏବେ ତ ସିନେମାଗୁଡିକ ଭଲ ବିଜନେସ୍ କରୁନି। ତେଣୁ ଉପଯୁକ୍ତ ସମୟ ଦେଖି ଫିଲ୍ମଟିକୁ ରିଲିଜ କରାଯିବ।' ଏହି ଫିଲ୍ମରେ ହ୍ରିତିକ ରୋଶନ ନାୟକ ସାଜିଛନ୍ତି। ଚିତ୍ରଟିର କାହାଣୀ ସମ୍ପୂର୍ଣ୍ଣ ଭାବରେ ଆକ୍ସନଭିତ୍ତିକ। ଏଥିରେ ହ୍ରିତିକଙ୍କ ବ୍ୟତୀତ ଅମିତାଭ ବଚ୍ଚନ, ନୱାଜଉଦ୍ଦିନ ସିଦ୍ଦିକି, ବିବେକ ଓବରୟ, ଗୁଲସନ ଗ୍ରୋଭର, ରୋନିତ ରୟ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ଅନ୍ୟପକ୍ଷରେ ଏହି ଫିଲ୍ମଟି କେବେ ରିଲିଜ ହେବ ସେ ନେଇ ଦର୍ଶକମାନେ ଆଗ୍ରହର ସହ ଅପେକ୍ଷା କରିଛନ୍ତି। ତେବେ ଏହି ଶୁଭ ଦିନ କେବେ ଆସୁଛି ତାହା ଦେଖିବାକୁ ବାକି ରହିଲା।

# ଅଫର୍ ପରେ ଅଫର୍

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢ଼ାଳିବା। ଦେଖୁନାହାନ୍ତି, କ୍ୟାଟ୍ରିନାଙ୍କ ହାତରେ କେମିତି ଅଫର ପରେ ଅଫର। ଏ ବର୍ଷ ନଭେମ୍ବର ୧୦ରେ ଚର୍ଚ୍ଚିତ ଫିଲ୍ମ 'ଟାଇଗର-୩' ରିଲିଜ ହେବାକୁ ଯାଉଛି। ଏଥିରେ ତାଙ୍କ ସହ ସ୍କ୍ରିନ୍ ସେୟାର କରୁଛନ୍ତି ସଲମାନ ଖାଁ। ସେପଟେ ତାଙ୍କୁ ଏବେ ଏକ ନୂଆ ବ୍ୟାନରରୁ ଏକାଥରେ ଦୁଇଟି ଅଫର ମିଳିଛି। ଫିଲ୍ମଦ୍ୱୟର କାହାଣୀ ତାଙ୍କୁ ପ୍ରଭାବିତ କରିଛି ବୋଲି ସେ ପରୋକ୍ଷରେ ସୂଚନା ବି ଦେଇଛନ୍ତି। ଏ ନେଇ କ୍ୟାଟ୍ରିନା କହନ୍ତି, 'ବର୍ତ୍ତମାନ ମୁଁ ବେଶ୍ ଉତ୍ସୁକତାର ସହ ନଭେମ୍ବର ୧୦ରୁ ଅପେକ୍ଷା କରିଛି। କାରଣ ଏହି ଦିନ 'ଟାଇଗର-୩' ରିଲିଜ ହେଉଛି। ଏହାର ସଫଳତାକୁ ନେଇ ମୁଁ ବେଶ୍ ଆଶାବାଦୀ ଅଛି। ସେପଟେ ଏବେ ମୋ ହାତରେ ଦୁଇଟି ନୂଆ ଅଫର ଅଛି। ଏଥିରେ ଅଭିନୟ କରିବି କି ନାହିଁ ସେ ନେଇ ମୁଁ ତର୍ଜମା କରୁଛି। ଏଥିଲାଗି ପ୍ରଯୋଜକ ମୋତେ ତିନି ସପ୍ତାହ ସମୟ ମଧ୍ୟ ଦେଇଛନ୍ତି।' କ୍ୟାଟ୍ରିନାଙ୍କ ଅଭିନୀତ ଶେଷ ଫିଲ୍ମ ଥିଲା 'ଫୋନ୍ ଭୂତ'। 'ଟାଇଗର-୩' ବ୍ୟତୀତ ସେ ଅଭିନୟ କରୁଥିବା ଆଉ ଏକ ସିନେମା ହେଲା 'ମେରି କ୍ରିସ୍‌ମସ୍'। ଏହି ଫିଲ୍ମଟି ଉଭୟ ହିନ୍ଦୀ ଏବଂ ତାମିଲ ଭାଷାରେ ନିର୍ମିତ ହେଉଛି।


କ୍ୟାଟ୍ରିନା

# ଘାରିଛି ପରିବେଶ ନିଶା

କଙ୍ଗନା ରାଣାଓ୍ୱତଙ୍କ ମୁଣ୍ଡକୁ ଏବେ ଏକ ନୂଆ କଥା ଜୁଟିଛି। ଅଭିନୟ ତ ଚାଲୁ ରହିବ, ତା' ସହ ଆଉ ଏକ କ୍ଷେତ୍ରରେ ସେ ପାଦ ରଖୁଛନ୍ତି। ତାହା ହେଲା ପରିବେଶ ସୁରକ୍ଷା। କଥା କ'ଣ କି ନିକଟରେ ଜଣେ ନବାଗତ ପ୍ରଯୋଜକ ତାଙ୍କ ସହ ଏକ ସିନେମାର କାହାଣୀ ବିଷୟରେ ଆଲୋଚନା କରୁଥିଲେ। ଏହି ସମୟରେ ପରିବେଶ ବିଷୟରେ କଥା ପଡିଲା। ବାସ୍, ସେଇଠୁ ସତେ ଯେମିତି ସେ ଖୋଜୁଥିବା ଚିଜ ପାଇଯାଇଥିଲେ। ଅର୍ଥାତ୍, ଏଣିକି ସେ ପରିବେଶକୁ ପ୍ରଦୂଷଣମୁକ୍ତ ରଖିବାକୁ ଜନସଚେତନତା ସୃଷ୍ଟି କରିବେ । ଏ ନେଇ କଙ୍ଗନା କହନ୍ତି, 'ବର୍ତ୍ତମାନ ପରିବେଶର ସୁରକ୍ଷା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏ ନେଇ ମୁଁ ଏବେ ନୂଆ ଯୋଜନା ଆରମ୍ଭ କରିଛି। ଏଥିପାଇଁ ଏକ ସଂସ୍ଥା ଗଠନ କରିବା ସହ କିଛି ଲୋକଙ୍କୁ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ପାଇଁ ନିୟୋଜିତ ରଖିବି। ଏ ନେଇ ଫିଲ୍ମ ପ୍ରସ୍ତୁତ କରିବାକୁ ଯୋଜନା ରହିଛି। ତା' ସହ ଏ କ୍ଷେତ୍ରରେ ମୁଁ ପ୍ରତ୍ୟକ୍ଷ ଭାବରେ ଜଡିତ ରହିବି।'


କଙ୍ଗନା

# ଟେନସନ୍‌ରେ ନୁସରତ୍

ନୁସରତ୍ ଭରୁଚା ଏବେ ଲଙ୍ଗ ଭ୍ୟାକେସନରେ ଅଛନ୍ତି। ମାଇଣ୍ଡ ଫ୍ରେସ କରିବାକୁ ସେ ବର୍ତ୍ତମାନ ପ୍ୟାରିସରେ ଡେରା ପକାଇଛନ୍ତି। ହେଲେ ତାଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ଆଉ ଏପରି ଆଲୋଚନାର କାରଣ ସାଜିଛି ବିକିନି। କଥା କ'ଣ କି ସେଠାରେ ସେ ବୁଲିବା ସହ ସି'ବିଚ୍‌ରେ ବିକିନି ପିନ୍ଧି ଫଟୋ ଶୁଟ୍ କରିଛନ୍ତି। କେବଳ ସେତିକି ନୁହେଁ, ଏହି ଫଟୋଗୁଡିକୁ ସେ ସୋସିଆଲ ମିଡିଆରେ ଅପଲୋଡ୍ କରିବା ପରେ ତାହା ବେଶ୍ ଭାଇରାଲ ହୋଇଛି। ଏପରି ଚର୍ଚ୍ଚାକୁ ନେଇ ଚୁପ୍ ବସିନାହାନ୍ତି ନୁସରତ୍। ଏ ସମ୍ପର୍କରେ ସଫେଇ ଦେଇ ସେ କହନ୍ତି, 'ମୋ ବିକିନି ପିନ୍ଧିବାକୁ ନେଇ ଏତେ କାହିଁକି ଚର୍ଚ୍ଚା ହେଉଛି ତାହା ମୁଁ ଜାଣିପାରୁନି। କେହି କେହି କହୁଛନ୍ତି ଯେ, ଚର୍ଚ୍ଚାରେ ରହିବାକୁ ମୁଁ ଏପରି କଷ୍ଟ୍ୟୁମ ପିନ୍ଧିଛି। ହେଲେ ସେପରି ଯୁକ୍ତି ପଛରେ ଆଦୌ ସତ୍ୟତା ନାହିଁ। କେତୋଟି ଫଟୋ ଶୁଟ୍ ପାଇଁ ମୁଁ ବିକିନି ପିନ୍ଧିଥିଲି। ଏହାକୁ ନେଇ ଏତେ ଆଲୋଚନା ହେବା ଠିକ୍ ନୁହେଁ।'


ନୁସରତ୍

**ପ୍ରଥମ ରୋଜଗାର**

# ରୋଜଗାରର ଖୁସି ସମସ୍ତଙ୍କ ସହ ବାଣ୍ଟିଥିଲି

ଗାଳ୍ପିକା ତଥା ଶିକ୍ଷୟିତ୍ରୀ **ସୁନିତା ପ୍ରଧାନ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...



ଗ୍ରାଜୁଏଶନ୍ ପରେ ସିଟି ଟ୍ରେନିଂ ସରିଲା ଆଉ ତା'ପରେ ମୋ ବାହାଘର ହୋଇଗଲା। ବାପଘର କୋରାପୁଟ ଜିଲାର ଲକ୍ଷ୍ମୀପୁର ଗାଁରେ ହୋଇଥିଲେ ହେଁ ଶାଶୁଘର ଥିଲା ମୋର ବ୍ରହ୍ମପୁରରେ। ତେଣୁ ବ୍ରହ୍ମପୁର ଆସି ଚାକିରି ପାଇଁ ଅପେକ୍ଷା କଲି। ହେଲେ କିଛି ବି ପୋଷ୍ଟିଂ ବାହାରିଲାନି। ସେପଟେ ମୋର ପୁଅଟିଏ ହୋଇସାରିଥିଲା। ବାହାଘରର ତିନି ବର୍ଷ ପରେ ଅନୁସୂଚିତ ଜାତି ଓ ଜନଜାତି ମଙ୍ଗଳ ବିଭାଗର ଗୋଟିଏ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ ମୋତେ ଚାକିରି ମିଳିଲା। କିନ୍ତୁ ଚାକିରି କ୍ଷେତ୍ରଟି ଥିଲା କୋରାପୁଟର ନାରାୟଣପାଟଣାଠାରେ ; ଯାହାକି ମୋ ବାପଘରଠାରୁ ପ୍ରାୟ ୨୦ କି.ମି ଦୂରରେ ଥିଲା। ତେଣୁ ଦ୍ୱନ୍ଦ୍ୱରେ ପଡ଼ିଲି ଚାକିରି କରିବି କି ନାହିଁ। ଗୋଟେ ପଟେ ସରକାରୀ ଚାକିରି ନ ଛାଡ଼ିବାର ଲୋଭ ; ଅନ୍ୟପଟେ ଛୋଟ ପୁଅକୁ ଛାଡ଼ି ଦୂରରେ ନ ରହିବାର ଇଚ୍ଛା ମୋତେ ଚିନ୍ତାରେ ପକାଇ ଦେଇଥିଲା। ଶେଷରେ ବହୁ ଭାବିଚିନ୍ତି ନିଷ୍ପତ୍ତି ନେଲି ଚାକିରିରେ ଜଏନ କରିଯିବି ବୋଲି। ପୁଅକୁ ମୋ ବାପାବୋଉଙ୍କ ପାଖରେ ଛାଡ଼ି ସ୍କୁଲକୁ ବାହାରିଲି। ଯିବାବେଳେ ମାଆ ପୁଅ ପରସ୍ପରକୁ ଧରି ଖୁବ୍ କାନ୍ଦିଲୁ। ସ୍କୁଲରେ ପହଞ୍ଚିବା ପରେ ପୁଅ କଥା ଖାଲି ମନେ ପଡ଼ିଲା। ଆଖି ଆଗରେ ତା'ରି ଚେହେରା ନାଚି ଯାଉଥିଲା। କାନ୍ଦ ବି ମାଡୁଥିଲା। କାରଣ ଘରୁ ପ୍ରତିଦିନ ଯିବାଆସିବା କରିବାକୁ ଅସୁବିଧା ହେବାରୁ ସ୍କୁଲ୍ କ୍ୱାଟର୍‌ରେ ମୋତେ ବାଧ ହୋଇ ରହିବାକୁ ପଡିଲା। ହେଲେ ପ୍ରତି ଶନିବାର ଘରକୁ ଯାଉଥିଲି, ରବିବାର ରହି ସୋମବାର ଫେରିଲା ବେଳକୁ ପୁଣି ମା'ପୁଅଙ୍କର କାନ୍ଦ ବୋବାଳି ହେଉଥିଲା। ଏମିତିରେ ଗୋଟେ ମାସ କେମିତି ବିତିଗଲା ଜଣାପଡିଲାନି। ମାସ ଶେଷକୁ ସ୍କୁଲ୍ ହେଡ୍‌ସାର୍ ମୋ ପରିଶ୍ରମର ଫଳସ୍ୱରୂପ ୫୭୦୦ ଟଙ୍କା ମୋ ହାତକୁ ଯେତେବେଳେ ବଢ଼ାଇଦେଲେ, ଖୁସିରେ ମୋ ଆଖିରୁ ଦୁଇଟୋପା ଲୁହ ଝରି ପଡ଼ିଲା। ସେଇ ଟଙ୍କା ଭିତରେ ମୋତେ ମୋ ପୁଅର ଚେହେରା ହିଁ ନଜର ଆସିଲା। ସେଇଥର ଘରକୁ ଗଲାବେଳେ ଘର ପାଇଁ କିଛି ମିଠା, ପୁଅ ପାଇଁ କିଛି ଖାଇବା ଜିନିଷ କିଣି ନେଇଥିଲି। ତା'ପରେ ଗାଁ ଠାକୁରାଣୀଙ୍କ ପାଖରେ କିଛି ଟଙ୍କାରେ ଭୋଗ ବି କରିଥିଲି। ଏଥିସହିତ ବୋଉ ଆଉ ଶାଶୁଙ୍କ ପାଇଁ ଦୁଇଟି ସମ୍ବଲପୁରୀ ଶାଢ଼ି ମଧ୍ୟ କିଣିଥିଲି। ତା'ପରେ କିଛି ଟଙ୍କା ନିଜ ପାଖେ ସାଇତି ରଖି ଆଉ ଯାହା ବଳିଥିଲା ତାକୁ ବାପାଙ୍କ ହାତକୁ ବଢ଼ାଇ ଦେଇଥିଲି। ନିଜ ପାଖେ କିଛି ଟଙ୍କା ଏଇଥିପାଇଁ ରଖିଥିଲି, କାରଣ ମୋର ଗୋଟେ ଇଚ୍ଛା ଥିଲା ; ଯେବେ ବି ପୁରୀ ଯାଇ ଚକାଆଖିଙ୍କୁ ଦର୍ଶନ କରିବି ତାଙ୍କ ପାଖରେ ମୋ ପ୍ରଥମ ରୋଜଗାର ଟଙ୍କାରେ ଭୋଗ ଲଗେଇବି ବୋଲି। ସତକୁ ସତ ଚାକିରି କରିବାର କିଛି ମାସ ପରେ ମୁଁ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଫେରିଥିଲି। ତେବେ ଏହି ଚାକିରିର ବର୍ଷେ ପରେ ମୋତେ ବ୍ରହ୍ମପୁରର ବମକେଇସ୍ଥିତ ମଣିପଡିଆ ହାଇସ୍କୁଲରେ ଶିକ୍ଷୟିତ୍ରୀ ଚାକିରି ମିଳିବାରୁ ପୂର୍ବ ଚାକିରି ଛାଡ଼ି ଏଠାକୁ ଚାଲିଆସିଲି ; ଯେଉଁଠାରେ ଏବେ ବି ମୁଁ କାର୍ଯ୍ୟରତ। ଶିକ୍ଷକତା ବ୍ୟତୀତ ଗପ ଲେଖିବାକୁ ମୋତେ ବହୁତ ଭଲ ଲାଗେ। ବିଶେଷକରି ଶିଶୁ ଗପ ଲେଖିବାରେ ମୋର ରୁଚି ରହିଛି। ଯା'ଭିତରେ ଅନେକ ଲେଖା ମୋର ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ମୋତେ ବହୁ ପାଠକୀୟ ପ୍ରଶଂସା ମଧ୍ୟ ମିଳିସାରିଛି।

# ଆଖିରେ ଇସାରା ଓଠରେ ହସ, ସହଜେ ଫିଟେନା ପ୍ରେମର ଫାଶ

ସାଥୀ



**ପ୍ରଶ୍ନ**–ମୋତେ ଜଣେ ଝିଅ ଭଲ ପାଉଛି ବୋଲି କେମିତି ଜାଣିବି। ଏ ନେଇ ମୋତେ କିଛି ଟିପ୍ସ ଦେବେ କି ?
*–ବିବେକ ସାହୁ, କଟକ*

**ଉତ୍ତର:** ଲାଗୁଛି ଆପଣ ବୋଧହୁଏ କାହାର ଲାଜୁଆ ହସରେ ପାଗଳ। 'ଆଖିରେ ଇସାରା ଓଠରେ ହସ, ସହଜେ ଫିଟେନା ପ୍ରେମର ଫାଶ'। ଯଦି କେଉଁ ମନର ମାନସୀଠାରୁ କିଛି ଇସାରା ପାଉଛନ୍ତି ତେବେ ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। କାରଣ ବେଳେବେଳେ ଭଲ ସୁଯୋଗ ଥରେ ଆସେ। ଯଦି ତାହାକୁ ହାତଛଡା କରନ୍ତି, ତେବେ କିଏ ଜାଣେ ପୁଣି ଥରେ ସେହି ସୁନେଲି ମୁହୂର୍ତ୍ତ କେବେ ଆସିବ।

**ପ୍ରଶ୍ନ**–ମୋତେ ଦୁଇ ଜଣ ଝିଅ ଏକାଠି ଦେଖି ହସୁଛନ୍ତି। ଏବେ ମୁଁ ଦୁହିଁଙ୍କ ପ୍ରେମରେ ପଡିଯାଇଛି। ହେଲେ ଜଣକୁ ତ ମୋତେ ଆପଣେଇବାକୁ ପଡିବ। ଏବେ ମୁଁ କ'ଣ କରିବି ?
*–ତପନ ପ୍ରଧାନ, ବରଗଡ*

**ଉତ୍ତର:** ପ୍ରେମ କରିବା ସମୟରେ କଦାପି ଦୁଇ ନାଆରେ ଗୋଡ ରଖିବେ ନାହିଁ। ଯଦି ପ୍ରେମ ଫାସରେ ଦୁଇ ଜଣକୁ ବାନ୍ଧନ୍ତି ତେବେ ଭବିଷ୍ୟତରେ ସବୁକିଛି ଅଡୁଆ ତଡୁଆ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଆରମ୍ଭରୁ ଏପରି ପ୍ରୋବ୍ଲେମ୍‌ର ସମାଧାନ କରିଦିଅନ୍ତୁ। ଯୁଆଡେ ହେଲେ ଗୋଟିଏ ପଟକୁ ଢଳନ୍ତୁ। ନ ହେଲେ ଏମିତି ସମୟ ଆସିବ ଆପଣ ଚାହିଁ ରହିଥିବେ, ଦୁଇ ସୁନ୍ଦରୀ ଆପଣଙ୍କୁ ଜୋର୍ କା ଝଟ୍‌କା ଧୀରେସେ ଦେଇ ଫୁର୍ କିନା ଉଡ଼ିଯିବେ। ସେତେବେଳେ ଆପଣଙ୍କ ଦରଦୀ ଆଖିରୁ ଝରୁଥିବା ଲୁହକୁ ପୋଛିବାକୁ କେହି ନ ଥିବେ।

**ପ୍ରଶ୍ନ**–ପ୍ରେମ ନିଶା କ'ଣ ସତରେ ଗାଢ଼ ? ଏକଥା କେମିତି ଜାଣିବି ?
*–ଅମରଜିତ ନାୟକ, ସୁନାବେଡା*

**ଉତ୍ତର:** ପ୍ରେମ ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। କଥାରେ ପରା ଅଛି–ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ୍ୱ ଭି ପସ୍ତାୟା। ତେଣୁ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କି ଏକତରଫା କରୁଥାଆନ୍ତି ତେବେ ତାହାର ସ୍ୱାଦ ସବୁବେଳେ ପାଣିଚିଆ ଲାଗେ। ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦି ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ**–ଜଣେ ଝିଅ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?
*–ଡି.କେ., କେନ୍ଦ୍ରାପଡା*

**ଉତ୍ତର:** ସେ ବୋଧହୁଏ ଆପଣ କହିଥିବା ମନର କଥାକୁ ତର୍ଜମା କରୁଛି। ସେ ହୁଏତ କିଛି ଭଲ ହେଉ କି ମନ୍ଦ କଥା କହିବାକୁ ଚାହୁଁଛି। ହେଲେ ସାହସ ଜୁଟାଇ ପାରୁନି। ଯଦି ସେ ଆପଣଙ୍କୁ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛି, ତେବେ ଏହାର ଅର୍ଥ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ଅନ୍ୟପକ୍ଷରେ ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତା'ହେଲେ ଅଧୈର୍ଯ୍ୟ ହେବା ବି ଠିକ୍ ନୁହେଁ। ନିଜର ଆଗ୍ରହ, ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ**–ମୁଁ କଲେଜରେ ପଢ଼ିବା ସମୟରେ ଜଣେ ଝିଅ ପ୍ରେମରେ ପଡିଯାଇଥିଲି। ଏବେ ସେ ମୋତେ ଧୋକା ଦେଇ ଚାଲିଗଲା। ମୁଁ ଏବେ କ'ଣ କରିବି ?
*–ସୁମନ, କେନ୍ଦୁଝର*

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀ ପ୍ରେମରେ ପଡିଗଲେ, ସେତେବେଳ ସେପଟୁ ଗ୍ରୀନ୍ ସିଗନାଲ୍ ଥିଲା ତ ? ଯଦି ନ ଥିଲା ତେବେ ଆପଣ ବୋଧହୁଏ ଏକତରଫା ପ୍ରେମ କରୁଥିଲେ। କାରଣ କଲେଜ ପଢ଼ିବାର ପ୍ରଥମ ପାହାଚରେ ମନ ଖାଲି ପ୍ରେମ କରିବାକୁ କୁତୁକୁତୁ ହେଉଥାଏ। ସେତିକିବେଳେ ଯଦି ନବୁଝି ରଂ ନମ୍ବର ଡାଏଲ କରିଦେଲେ ତେବେ ତାହାର ଫଳ ଆପଣ ହିଁ ଭୋଗିବେ। ଏବେ ତ ସେ ଝିଅ ଆପଣଙ୍କୁ ଧୋକା ଦେଇ ଚାଲିଗଲାଣି। ତେଣୁ ଆଉ ସେ ବିଷୟରେ ଚିନ୍ତା କରି କିଛି ଲାଭ ନାହିଁ। ବୋହି ଯିବା ପାଣି ଏବଂ ଧନୁରୁ ତୀର ଖସିଯିବା ପରେ ତାହା କ'ଣ କେବେ ଫେରିଆସେ ? ତେଣୁ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ଭୁଲିଯିବେ ତାହା ଆପଣଙ୍କ ପାଇଁ ଭଲ ହେବ।

# ଟ୍ରାଇ କଲର୍ ଲୁକ୍





ସ୍ୱାଧୀନତା ଦିବସ ଅବସରରେ ଟିକେ ଡିଫରେଣ୍ଟ ଦେଖାଯିବା ପାଇଁ ଟ୍ରାଇ କଲର୍ ଲୁକ୍ ପରଫେକ୍ଟ ହୋଇଥାଏ। କିଛିଟା ସହଜ ଉପାୟକୁ ଆପଣେଇ ଏହି ଲୁକ୍ ଆରାମରେ ପାଇହୁଏ। ଯେମିତିକି...

**ଟ୍ରାଇ କଲର୍ ଆଉଟ୍‌ଫିଟ୍:** ସ୍ୱାଧୀନତା ଦିବସ ଅବସରରେ ଯୁବତୀମାନେ ଚାହିଁଲେ ଟ୍ରାଇ୍ କଲର୍ ଥିମ୍‌ବାଲା ଶାଢି ହେଉ ଅବା ସାଲଓ୍ୱାର୍ କିମ୍ବା ଲେହେଙ୍ଗା ପିନ୍ଧି ଅତି ସହଜରେ ଟ୍ରାଇ କଲର୍ ଲୁକ୍ ପାଇପାରିବେ। ଏଥିପାଇଁ ଧଳା ରଙ୍ଗର ଶାଢି ସହ ସବୁଜ କିମ୍ବା ନାରଙ୍ଗୀ ରଙ୍ଗର ବ୍ଲାଉଜ୍‌କୁ ମ୍ୟାଚିଂ କରି ପିନ୍ଧିପାରିବେ। ନଚେତ୍ ଧଳା ରଙ୍ଗର ସାଲଓ୍ୱାର୍ ପିନ୍ଧି ତା'ଉପରେ ଟ୍ରାଇ କଲର୍ ଥିମ୍ ବାଲା ଦୁପଟ୍ଟା ବି ପକାଇ ପାରିବେ। କିଛି ନହେଲେ ଧଳା ରଙ୍ଗର ସାଲଓ୍ୱାର ଉପରେ କେବଳ ସବୁଜ କିମ୍ବା ନାରଙ୍ଗୀ ରଙ୍ଗର ଦୁପଟ୍ଟା ବା ଚୁନି ପକାଇ ମଧ୍ୟ ଆଟ୍ରାକ୍ଟିଭ୍ ଦେଶୀ ଲୁକ୍ ପାଇପାରିବେ। ସେହିପରି ଘେର ବାଲା ଧଳା ରଙ୍ଗର ଲଙ୍ଗ୍ ସ୍କର୍ଟ ଉପରେ ହାଫ୍ ସବୁଜ ରଙ୍ଗର ବ୍ଲାଉଜ୍ ଆଉ ତା'ସାଙ୍ଗକୁ ଲମ୍ବା ନାରଙ୍ଗୀ ରଙ୍ଗର ଚୁନି ପକାଇ ଆକର୍ଷଣୀୟ ଟ୍ରାଇ କଲର୍ ଲେହେଙ୍ଗା ଲୁକ୍ ବି ପାଇପାରିବେ।

**ଟ୍ରାଇ କଲର୍ ଆସେସରିଜ୍:** ଏହିଦିନ ଶାଢି ହେଉ ଅବା ସାଲଓ୍ୱାର ଶୁଟ୍ କିମ୍ବା ଲେହେଙ୍ଗା ଯୁବତୀମାନେ ଯାହାବି ପିନ୍ଧନ୍ତୁ, ତା'ସହିତ ଯଦି ଟ୍ରାଇ କଲର୍ ଥିମ୍ ବାଲା ଫ୍ୟାଶନ ଆସେସରିଜ୍ ଯେମିତିକି : ଟ୍ରାଇ କଲର୍ ଇୟର୍ ରିଂ, ଟ୍ରାଇ କଲର୍ ଚୁଡ଼ି, କିମ୍ବା ଟ୍ରାଇ କଲର୍‌ର ବିନ୍ଦି ହେଉ ଅବା ଟ୍ରାଇ କଲର୍‌ର ହେୟାର୍ ବ୍ୟାଣ୍ଡ ପିନ୍ଧନ୍ତି ତା'ହେଲେ ବି ଲୁକ୍ ଆହୁରି ଆକର୍ଷଣୀୟ ଲାଗିଥାଏ।

**ଟ୍ରାଇ କଲର୍ ନେଲ୍‌ଆର୍ଟ:** ଯୁବତୀମାନେ ଚାହିଁଲେ ନେଲ୍‌ଆର୍ଟରେ ବି ଅତି ସହଜରେ ଟ୍ରାଇ କଲର୍ ଲୁକ୍ ପାଇପାରିବେ। ଏଥିପାଇଁ ସେମାନେ ନାରଙ୍ଗୀ, ଧଳା ଓ ସବୁଜ ରଙ୍ଗର ନେଲ୍‌ପଲିସ୍ ଆଣି ସେମାନଙ୍କ ନଖରେ ଷ୍ଟ୍ରାଇପ୍ ହେଉ କିମ୍ବା ଭର୍ଟିକାଲ୍ ଅଥବା ହୋରାଇଜଣ୍ଟାଲ୍, ଫ୍ଲୋରାଲ୍, ଡଟେଡ୍, ନେଚର୍ ଥିମ୍‌ବାଲା ଟ୍ରାଇ କଲର୍ ନେଲ୍ ଆର୍ଟ କରି ଆକର୍ଷଣୀୟ ଲୁକ୍ ପାଇପାରିବେ।

**ମେକ୍‌ଅପ୍‌ରେ ବି ଦେଶୀ ଲୁକ୍:** କୁହାଯାଏ, ମେକ୍‌ଅପ୍‌ରେ ବି ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ। ତେବେ ସ୍ୱାଧୀନତା ଦିବସ ଅବସରରେ ଦେଶୀ ଲୁକ୍ ପାଇବାକୁ ତଥା ଫ୍ୟାଶନେବଲ୍ ଦେଖାଯିବାକୁ ଯୁବତୀମାନେ ଚାହିଁଲେ ଜାତୀୟ ପତାକାର ରଙ୍ଗକୁ ମ୍ୟାଚ୍ କଲା ଭଳି ଆଖିରେ ଟ୍ରାଇ କଲର୍‌ର ଆଇଶ୍ୟାଡୋ ଲଗାଇପାରିବେ। ଆବଶ୍ୟକ ପଡିଲେ ଗାଲରେ ଆଟିଫିସିଆଲ୍ ଟ୍ରାଇକଲର୍ ଟାଟୁ ବି ଲଗାଇ ଭିନ୍ନ ଲୁକ୍ ପାଇପାରିବେ। କିନ୍ତୁ ଧ୍ୟାନ ଦେବେ ଯେଉଁମାନଙ୍କର ସ୍କିନ୍ ଇନ୍‌ଫେକ୍‌ସନ୍ ସମସ୍ୟା ରହୁଥିବ ସେମାନେ ଏହି ଟାଟୁରୁ ନିବୃତ ରହିବେ।












## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋଗ୍ରାଫି: ମନୋଜ ଜୈନ

## ହାଃ ହାଃ

### ଆଇ ଲଭ୍ ୟୁ

ଗୋପାଳ ରାଜୁକୁ: ଆରେ ସାଙ୍ଗ କହିଲୁ ଏ 'ଆଇ ଲଭ୍ ୟୁ' ଶବ୍ଦକୁ କିଏ ଆବିଷ୍କାର କରିଥିଲା ?

ରାଜୁ: ମତେ ଲାଗୁଛି ଚାଇନାରେ ହୋଇଥିବ।

ଗୋପାଳ: କେମିତି ?

ରାଜୁ: କାରଣ ଏଥିରେ ସବୁ ଚାଇନା ଗୁଣ ଭରି ରହିଛି। ନା ଏଥିରେ ଗ୍ୟାରେଣ୍ଟି ଅଛି, ନା ୱାରେଣ୍ଟି। ଚାଲିବ ତ ଜନ୍ମ ପର୍ଯ୍ୟନ୍ତ ନ ଚାଲିଲେ ସନ୍ଧ୍ୟା ପର୍ଯ୍ୟନ୍ତ।

### ଶାୟରୀ

ଥରେ କ୍ଲାସ୍‌ରେ ଶିକ୍ଷକ ମଣ୍ଟୁକୁ: ତୁ ଭଲ ଶାୟରୀ କହୁ ବୋଲି ଶୁଣିଲି। ଗୋଟେ ଶାୟରୀ ଶୁଣେଇଲୁ।

ମଣ୍ଟୁ: ମୋଟା ମରତା ମୋଟି ପେ,
ଭୁଖା ମରତା ରୋଟି
ପେ
ମାଷ୍ଟରଜୀ କେ ଦୋ ବେଟୀ,
ମୈ ମରତା ହୁଁ ଛୋଟୀ ପେ।

### ବମ୍

ଶିକ୍ଷକ: ଯଦି ଆମ ସ୍କୁଲ ସାମ୍ନାରେ କେହି ବମ୍ ରଖିଦିଏ, ତେବେ ତମେମାନେ କ'ଣ କରିବ ?

ମୁନା: ସାର୍ ମୁଁ କହିବି।

ଶିକ୍ଷକ: କହ।

ମୁନା: ଘଣ୍ଟେ ଦି' ଘଣ୍ଟା ଅପେକ୍ଷା କରିବି। ଯଦି କେହି ତାକୁ ନ ନିଅନ୍ତି, ତେବେ ତାକୁ ଆଣି ଷ୍ଟାଫ୍ ରୁମ୍‌ରେ ରଖିଦେବି।



ସ୍ୱାଧୀନତା ଦିବସ ଅବସରରେ ଭାରତର ବିଭିନ୍ନ ସ୍ଥାନରେ ଦେଶଭକ୍ତି ଓ ଦେଶପ୍ରୀତିର ଝଲକ ଦେଖିବାକୁ ମିଳିଥାଏ। ତେବେ ଏଭଳି ଏକ ବିଶେଷ ଅବସରରେ କେଉଁ କେଉଁ ସ୍ଥାନକୁ ବୁଲିଗଲେ ମନରେ ଦେଶପ୍ରେମ ଜାଗ୍ରତ ହେବା ସହ ଅନେକ ଐତିହାସିକ ତଥ୍ୟ ସମ୍ପର୍କରେ ଜାଣିହେବ, ଆସନ୍ତୁ ଜାଣିବା ସେ ସମ୍ପର୍କରେ...

# ଦେଶଭକ୍ତିରେ ଭ୍ରମଣ





✲ **ଇଣ୍ଡିଆ ଗେଟ୍:** ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଗେଟ୍ ହେଉଛି ଏକ ରାଷ୍ଟ୍ରୀୟ ସ୍ମାରକ। ସ୍ୱାଧୀନତା ଦିବସ ଅବସରରେ ପର୍ଯ୍ୟଟକ ଚାହିଁଲେ ଏଠାକୁ ବୁଲି ଯାଇ ମନରେ ଦେଶପ୍ରୀତି ଜାଗ୍ରତ କରିବା ସହ ଅନେକ ଐତିହାସିକ ତଥ୍ୟ ଜାଣିବାର ସୁଯୋଗ ପାଇପାରିବେ।

✲ **ଲାଲକିଲ୍ଲା:** ସ୍ୱାଧୀନତା ଦିବସ ଅବସରରେ ଦିଲ୍ଲୀସ୍ଥିତ ଲାଲକିଲ୍ଲା ଆଡ଼େ ମଧ୍ୟ ବୁଲିଗଲେ ମନରେ ଏକ ଅପୂର୍ବ ଶିହରଣ ଖେଳିଯାଇଥାଏ। କାରଣ ଏହା ହେଉଛି ଏକ ଐତିହାସିକ ଦୁର୍ଗ। ଇତିହାସ ସମ୍ବନ୍ଧୀୟ ଅନେକ ତଥ୍ୟ ଏହି ଦୁର୍ଗ ସହିତ ଜଡ଼ିତ ରହିଛି। ତା'ସାଙ୍ଗକୁ ଏହି ଦୁର୍ଗଟିର ଅପୂର୍ବ ସୌନ୍ଦର୍ଯ୍ୟ ଦେଖିବାକୁ ବେଶ୍ ମନୋରମ ଲାଗିଥାଏ।

✲ **ସାବରମତୀ ଆଶ୍ରମ:** ଗୁଜରାଟର ଅହମଦାବାଦସ୍ଥିତ ସାବରମତୀ ନଦୀତଟରେ ଥିବା ଏହି ଆଶ୍ରମରେ ଗାନ୍ଧିଜୀ ନିଜ ଅନୁଗତ ବା ଶିଷ୍ୟମାନଙ୍କୁ ଅହିଂସା ଏବଂ ସତ୍ୟର ସନ୍ଧାନ ଉପରେ ଶିକ୍ଷା ଦେଉଥିଲେ। ତା'ସହିତ ଗାନ୍ଧିଜୀ ସେମାନଙ୍କୁ କୁଟୀରଶିଳ୍ପ, ହସ୍ତଶିଳ୍ପ, ଚାଷବାସ ଆଦି ବିଷୟ ଉପରେ ଜ୍ଞାନ ପ୍ରଦାନ କରୁଥିଲେ। 'ଖଟି ଖାଅ କାଟି ପିନ୍ଧ' ଥିଲା ଗାନ୍ଧିଜୀଙ୍କର ବାଣୀ। ସେଥିପାଇଁ ଗାନ୍ଧିଜୀ ଏଠାରେ ଚରଖା ସ୍ଥାପନ କରି ସେଥିରେ ନିଜେ ନିଜର ପୋଷାକ ତିଆରି କରି ପିନ୍ଧୁଥିଲେ ଏବଂ ଆଶ୍ରମବାସୀଙ୍କୁ ବି ତାହା ଶିଖାଉଥିଲେ। ତେଣୁ ଗାନ୍ଧିଜୀଙ୍କ ଆଦର୍ଶ ଓ ଶିକ୍ଷା ସବୁଦିନ ପାଇଁ ସମସ୍ତଙ୍କ ହୃଦୟରେ ଜୀବିତ ହୋଇ ରହିଛି ଓ ରହିଥିବ। ଆଉ ଏହି ସାବରମତୀ ଆଶ୍ରମଟି ଗାନ୍ଧିଜୀଙ୍କର ଗୁଣଗାନ ବଖାଣୁଥିବ। ତେଣୁ ସ୍ୱାଧୀନତା ଦିବସ ଅବସରରେ ପର୍ଯ୍ୟଟକ ଚାହିଁଲେ ଏହି ଆଶ୍ରମକୁ ବୁଲିଯାଇ କିଛିଟା ନିଆରା ଅନୁଭୂତି ସାଉଁଟି ପାରିବେ।

✲ **ଅଟାରି-ୱାଘା ବର୍ଡର:** ସ୍ୱାଧୀନତା ଦିବସ ଅବସରରେ ପର୍ଯ୍ୟଟକ ଚାହିଁଲେ ଅଟାରି-ୱାଘା ବର୍ଡର ଆଡେ ବି ଟିକେ ବୁଲି ଆସିପାରିବେ। ଏଠାକୁ ଗଲେ ଦେଶଭକ୍ତିର କିଛିଟା ନିଆରା ଅନୁଭୂତି ନିଶ୍ଚୟ ଅନୁଭବ କରିପାରିବେ।

✲ **ନ୍ୟାଶନାଲ୍ ଗାନ୍ଧୀ ମ୍ୟୁଜିୟମ୍:** ଗାନ୍ଧିଜୀଙ୍କୁ ସମର୍ପିତ ଏହି ସଂଗ୍ରହାଳୟଟି ବର୍ତ୍ତମାନ ନୂଆ ଦିଲ୍ଲୀର ରାଜଘାଟରେ ଅବସ୍ଥିତ। କିନ୍ତୁ ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ୧୯୪୮ ମସିହା ଜାନୁୟାରୀ ୩୦ ତାରିଖରେ ଗାନ୍ଧିଜୀଙ୍କୁ ହତ୍ୟା କରାଯିବା ପରେ ତାଙ୍କ ସ୍ମୃତିରେ ପ୍ରଥମେ ଏକ ସଂଗ୍ରହାଳୟ ମୁମ୍ବାଇରେ ଖୋଲାଯାଇଥିଲା, ଯେଉଁଠାରେ ଗାନ୍ଧିଜୀଙ୍କ ଜୀବନୀ ସହ ଜଡ଼ିତ କିଛି ବ୍ୟକ୍ତିଗତ ବସ୍ତୁ, ସମାଚାରପତ୍ର, ପୁସ୍ତକ ଆଦିକୁ ସ୍ଥାନ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ସଂଗ୍ରହାଳୟଟି ନୂଆ ଦିଲ୍ଲୀସ୍ଥିତ କୋଟା ହାଉସ୍‌କୁ ସ୍ଥାନାନ୍ତରିତ ହୋଇ ଆସିଥିଲା। ଶେଷରେ ୧୯୬୧ ମସିହାରେ ଏହା ନୂଆ ଦିଲ୍ଲୀର ରାଜଘାଟକୁ ସ୍ଥାନାନ୍ତରିତ ହୋଇ ବିଧିବଦ୍ଧ ଭାବେ ଲୋକାର୍ପିତ ହୋଇଥିଲା। ତେଣୁ ସ୍ୱାଧୀନତା ଦିବସ ଅବସରରେ ପର୍ଯ୍ୟଟକ ଚାହିଁଲେ ଏହି ମ୍ୟୁଜିୟମ୍‌କୁ ବୁଲିଯାଇ ଏଠାରୁ ଗାନ୍ଧିଜୀଙ୍କ ସମ୍ପର୍କରେ ଅନେକ କିଛି ତଥ୍ୟ ହାସଲ କରିପାରିବେ।

✲ **ଗାନ୍ଧୀ ମେମୋରିଆଲ୍ ମ୍ୟୁଜିୟମ:** ତାମିଲନାଡୁର ମଦୁରାଇଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସ୍ମୃତିରେ ଏକ ସଂଗ୍ରହାଳୟ ୧୯୫୯ ମସିହାରେ ଗଢ଼ି ଉଠିଥିଲା, ଯାହାର ନାଁ ହେଉଛି ଗାନ୍ଧୀ ମେମୋରିଆଲ୍ ମ୍ୟୁଜିୟମ୍। କେହି କେହି ଏହାକୁ ଗାନ୍ଧୀ ମ୍ୟୁଜିୟମ୍ ବି କହିଥାନ୍ତି। ଏଠାରେ ଗାନ୍ଧିଜୀଙ୍କର ପିଲାବେଳଠୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ସମୟର ଫଟୋ, ପେଣ୍ଟିଙ୍ଗ୍ସ, ଗାନ୍ଧିଜୀଙ୍କର ବିଭିନ୍ନ ମୂର୍ତ୍ତି, ତାଙ୍କର ହାତଲେଖା ଚିଠି ତଥା ଗାନ୍ଧିଜୀ ବ୍ୟବହାର କରିଥିବା କେତେକ ଜିନିଷକୁ ସାଇତି ରଖାଯାଇଛି। ଖାସ୍‌କରି ଏଠାରେ ଗାନ୍ଧିଜୀଙ୍କ ମୃତ୍ୟୁ ସମୟର ସେହି ରକ୍ତଭିଜା ଧୋତିକୁ ଏକ ଭ୍ୟାକୁମ୍ ଗ୍ଲାସ୍ ବକ୍ସ ଭିତରେ ରଖାଯାଇଥିବାର ଦେଖିବାକୁ ମିଳେ। କିନ୍ତୁ କେହି କେହି ଏହି ଧୋତିକୁ ସତ ନୁହେଁ ବରଂ ଏକ ନମୁନା ବୋଲି ମତ ଦେଇଥାନ୍ତି। ତା'ଛଡ଼ା ଏହି ମ୍ୟୁଜିୟମ୍‌ରେ ଏକ ଲାଇବ୍ରେରି ମଧ୍ୟ ରହିଛି, ଯେଉଁଠାରେ ଗାନ୍ଧିଜୀ ନିଜେ ଲେଖିଥିବା ତଥା ଗାନ୍ଧିଜୀ ଓ ଭାରତୀୟ ସଂସ୍କୃତି ଉପରେ ଆଧାରିତ ଥିବା କେତେକ ପୁସ୍ତକକୁ ମଧ୍ୟ ସ୍ଥାନ ଦିଆଯାଇଛି। ତେଣୁ ସ୍ୱାଧୀନତା ଦିବସ ଅବସରରେ ଏଠାକୁ ବି ବୁଲି ଯାଇହେବ।

କେବଳ ଏହିସବୁ ସ୍ଥାନ ନୁହେଁ, ପର୍ଯ୍ୟଟକ ଚାହିଁଲେ ସ୍ୱାଧୀନତା ଦିବସ ଅବସରରେ କୋଲକାତାର ନେତାଜୀ ଭବନ, ଲଦାଖର କାରଗିଲ୍ ଯୁଦ୍ଧ ସ୍ମାରକ, ଉତ୍ତରପ୍ରଦେଶର ଝାନ୍ସି କିଲ୍ଲା, ଗୁଜରାଟର ପୋର୍‌ବନ୍ଦର ଆଦି ସ୍ଥାନକୁ ବି ବୁଲିଯାଇପାରିବେ।





# ରାସ୍ତାର ସେଇ ଧଳା ଓ ହଳଦିଆ ଗାର

ରାସ୍ତାରେ ଗଲାବେଳେ ଧଳା ଓ ହଳଦିଆ ରଙ୍ଗର ଗାର ନିଶ୍ଚୟ ଦେଖିଥିବେ। ତେବେ ଜାଣିଛନ୍ତି କି ଏହି ଗାର ସବୁ ରାସ୍ତାରେ କାହିଁକି କରାଯାଇଥାଏ। ରାସ୍ତାକୁ ଆକର୍ଷକ କରିବା ପାଇଁ ନୁହେଁ ବରଂ ପ୍ରତି ଗାର ପଛରେ ରହିଛି କିଛି ବିଶେଷ କାରଣ। ଆଉ ସବୁ ଗାର ସହ ରାସ୍ତାର କିଛି ନୀତି ନିୟମ ଜଡିତ ରହିଛି। ଯାହା ସମ୍ପର୍କରେ ସମସ୍ତେ ଜାଣିବା ଜରୁରୀ...

**ଧଳା ଗାର:** ଦେଖିଥିବେ ଅନେକ ରାସ୍ତାର ମଝିରେ ଏକ ସିଧା ଧଳା ଗାର ବହୁ ଦୂର ପର୍ଯ୍ୟନ୍ତ ଲମ୍ବିଥିବା ଦେଖିବାକୁ ମିଳେ। ଯାହା ରାସ୍ତାକୁ ଦୁଇଭାଗରେ ବିଭକ୍ତ କରିଥାଏ। ଯାହାର ଅର୍ଥ ହେଉଛି ଗାଡି ଚାଳକଙ୍କୁ ନିଜ ଲେନ୍‌ରେ ରହି ଗାଡି ଚଳାଇବାକୁ ହେବ। ଏହି ଗାର ଥିବା ରାସ୍ତାରେ ଲେନ୍ ବଦଳା ଯାଇପାରିବ ନାହିଁ, ୟୁ ଟର୍ନ ନିଆଯାଇପାରିବ ନାହିଁ କି ଓଭରଟେକ୍ ବି କରି ହେବ ନାହିଁ। ଯେଉଁ ଲେନ୍‌ରେ ଯାଉଛନ୍ତି ସେଇ ଲେନ୍‌ର ସିଧା ସିଧା ଯିବାକୁ ହେବ। ଆଉ ଲେନ୍ ସେତେବେଳେ ବଦଳା ଯାଇପାରେ ଯେବେ କୌଣସି ଦୁର୍ଘଟଣାରୁ ବଞ୍ଚିବାକୁ ଥିବ ଅବା ଯେଉଁଠି ଲାଇନ୍ ମଧ୍ୟରେ ଗ୍ୟାପ୍ ଥିବ। ଏଭଳି ରାସ୍ତା ପ୍ରାୟତଃ ପାହାଡିଆ ଅଞ୍ଚଳରେ ଥାଏ। ଯେଉଁଠି ଦୁର୍ଘଟଣାର ଆଶଙ୍କା ଅଧିକ ଥାଏ।

**ବ୍ୟବଧାନ ଥିବା ଧଳା ଗାର:** ଅନେକ ସଡ଼କରେ ମଝିରେ ମଝିରେ ବ୍ୟବଧାନ ଥିବା ଧଳାରଙ୍ଗର ଗାର (ବ୍ରୋକେନ ହ୍ୱାଇଟ୍ ଲାଇନ୍ସ) ଦେଖିବାକୁ ମିଳେ। ଯାହା ଦର୍ଶାଏ କି ସେହି ରାସ୍ତା ଉପରେ ଓଭର୍‌ଟେକ୍ କରି ହେବ। ମଝିରେ ୟୁ ଟର୍ନ ନେଇ ହେବ। ଆଉ ଲେନ୍ ବି ବଦଳା ଯାଇପାରିବ। ତେବେ ଏସବୁ କରିବା ପୂର୍ବରୁ ରାସ୍ତାର ଆଗପଛକୁ ଧ୍ୟାନ ଦେବା ଜରୁରୀ।

**ହଳଦିଆ ଗାର:** ଯଦି ରାସ୍ତାରେ ଲମ୍ବା ହଳଦିଆ ଗାର(କଣ୍ଟିନିଓସ୍ ୟେଲୋ ଲାଇନ୍))ଥାଏ, ସେ ରାସ୍ତାରେ ଓଭରଟେକ୍ କରିହେବ। ତେବେ କେବଳ ନିଜ ସାଇଡ୍‌ର ରହି। ଲାଇନ ପାର୍ କରି ଅନ୍ୟ ଲାଇନ୍‌କୁ ଯିବାର ଅନୁମତି ନ ଥାଏ। ସାଧାରଣତଃ ଲୋ ଭିଜିବିଲିଟି ରାସ୍ତାରେ ଏହି ଲାଇନ୍ ଥାଏ। ତେବେ ତେଲେଙ୍ଗାନାରେ ଏହି ଲାଇନ୍ ଥିବାର ଅର୍ଥ ହେଉଛି ନିଜ ଲେନ୍‌ରେ ଥାଇ ବି ଓଭରଟେକ୍ କରି ହେବ ନାହିଁ।

**ଦୁଇଟି ସିଧା ହଳଦିଆ ଗାର:** କିଛି ରାସ୍ତାରେ ପ୍ରାୟ ସମୟରେ ଦୁର୍ଘଟଣା ହୋଇଥାଏ। ତେଣୁ ସେହି ରାସ୍ତାରେ ଓଭରଟେକ୍ କରିବା ବିପଜ୍ଜନକ। ଖାସ୍ ଏଭଳି ରାସ୍ତାରେ ଦୁଇଟି ପାଖାପାଖି ହଳଦିଆ ଗାର ଥାଏ। ଏଥିରେ କଠୋର ନିୟମ ଥାଏ। ଏହି ଗାର ଥିବା ରାସ୍ତାରେ ଓଭରଟେକ୍ କରିବା, ଲେନ୍ ବଦଳାଇବା, ୟୁ ଟର୍ନ ନେବା ନିଷେଦ୍ଧ। ନିଜ ଲେନ୍‌ରେ ଥାଇ ବି ଓଭରଟେକ୍ କରିବା ମନା।

**ବ୍ୟବଧାନ ଥିବା ହଳଦିଆ ଗାର:** ବେଳେବେଳେ ଦେଖିଥିବେ ରାସ୍ତାରେ ସିଧା ଓ ନିରନ୍ତର ହଳଦିଆ ଗାର ସହ ଗ୍ୟାପ୍ ଥିବା ହଳଦିଆ ଲାଇନ୍ ଥାଏ। ଯଦି ଗାଡି ଗ୍ୟାପ ଥିବା ହଳଦିଆ ଗାର ପାର୍ଶ୍ୱରେ ଯାଉଥାଏ ତେବେ ଅନ୍ୟ ଗାଡିକୁ ଓଭରଟେକ୍ କରିହେବ। ଯଦି ଗାଡି ସିଧା ଓ ନିରନ୍ତର ଲମ୍ବିଥିବା ହଳିଦିଆ ଗାର ପଟେ ଯାଉଥାଏ ତେବେ ଅନ୍ୟ ଗାଡିକୁ ଓଭରଟେକ୍ କରିବା ମନା।








# ଜଳପରୀ ହେବା ପାଇଁ...





**ଜ**ଳପରୀ ହେଇପାରେ ଏକ କାଳ୍ପନିକ ଚରିତ୍ର। କିନ୍ତୁ ଏହା ସବୁବେଳେ ମଣିଷ ଲାଗି କୌତୁହଳର ବିଷୟ ରହି ଆସିଛି। ତାକୁ ନେଇ କେତେ କାହାଣୀ ବି ରଚନା କରାଯାଇଛି। ଏହି କୌତୁହଳକୁ ନଜରରେ ରଖି ଏବେ ଜଳପରୀକୁ ପେସା କରାଯାଇଛି। କିଛି ସୁନ୍ଦରୀ ଯୁବତୀ ଜଳପରୀ ଭଳି ପୋଷାକ ପିନ୍ଧି ସମୁଦ୍ର କୁଳ, ବଡ଼ ବଡ଼ ଆକ୍ୱାରିୟମ୍ ମଧ୍ୟରେ ଜଳପରୀ ଭଳି ପହଁରି ଲୋକଙ୍କର ମନୋରଞ୍ଜନ କରୁଛନ୍ତି। ଇଂଲଣ୍ଡର ୩୩ ବର୍ଷୀୟା ମସ୍ ଗ୍ରୀନ୍ ବି ସେମିତି ଜଣେ ପେସାଦାର ଜଳପରୀ। ସେ ପ୍ରଥମେ ଜଣେ ଶିକ୍ଷୟିତ୍ରୀ ଥିଲେ। ହେଲେ ଜଳପରୀ ହେବାର ନିଶା ଲାଗି ସେ ନିଜର ଚାକିରି ଛାଡିଦେଲେ। ସେଥିପାଇଁ ଏକ କୋର୍ସ ବି କଲେ। ଦୁଇ ବର୍ଷ ପରେ ତାଙ୍କୁ ଜଳପରୀର ଚାକିରି ମିଳିଲା। ହେଲେ ଶିକ୍ଷକତାରେ ଯେତିକି ପ୍ରାପ୍ୟ ମିଳୁଥିଲା ତା'ଠୁ କମ୍ ପ୍ରାପ୍ୟ ମିଳିଲା। ତଥାପି ତାଙ୍କ ମନରେ ଦୁଃଖ ନାହିଁ। କାରଣ ସେ ଏବେ ସେଇ କାମ କରୁଛନ୍ତି ଯେଉଁ କାମକୁ ସେ ଭଲ ପାଆନ୍ତି।



## କଥା ଚାଟ୍

**ଶ୍ରୀମାନ୍ ସର୍ବଗିଳା**

# ଫାଟେ ଥୁକ୍

**ସେ**ଦିନ ରାତିରେ ପାହାନ୍ତି ସପନରେ ଯାହା ଦେଖିଲି, ମୁଁ ମରି ଜୁଇ-ନିଆଁରେ ଜଳିବା ଆଗରୁ ଛାତି ଭିତରର ଭୟ-ନିଆଁରେ ହୁତୁ ହୁତୁ ଜଳୁଥିଲି। ମୁଁ କୁଆଡ଼େ ମରିଯାଇଛି ବୋଲି ସାହି-ଭାଇ, ବନ୍ଧୁ-ବାନ୍ଧବ ଜମା ହୋଇଛନ୍ତି। ମୋ ନିଜ ସ୍ତ୍ରୀ-ଯାମିନୀ ସହ ପିଲାମାନେ ରଡ଼ି ବୋବାଳି ଛାଡୁଛନ୍ତି। କହୁଛନ୍ତି... ଆମ ସଂସାର ଭାସିଗଲା ! ମୋରି ଆଗରେ ଛ'ଖଣ୍ଡ ବାଉଁଶକୁ ଶିଡ଼ି ଭଳିଆ ପକେଇ ମୋ ଦେହକୁ ଧଳା କପଡାରେ ଗୁଡେଇ ପାଳ-ଦଉଡ଼ିରେ ଭିଡ଼ିକି ବାନ୍ଧିଛନ୍ତି। ଗଳାରେ ଗେଣ୍ଡୁମାଳ ଗଣ୍ଡେ ଗଳେଇ, ସମସ୍ତେ ମୋ ଚଉପାଶରେ ବେଢ଼ି ଗଳା ଫଟେଇ ରୋଦନ କରୁଛନ୍ତି। ଯେତେ ବିକଳହୋଇ ଚିତ୍କାରକରି କହୁଛି.. ଆରେ! ମୁଁ କୁଆଡ଼େ ଯାଇନି ରେ.. ଏଇ ଦେଖ, ତମରି ପାଖରେ ଅଛି, -କେହି ମୋ କଥା ଶୁଣୁନାହାନ୍ତି। ଏଡ଼େ ବଡ଼ ବଡ଼ ମୋ କୋଠା ଘର, ଦାମୀ କାଠର ଖଟ -ପଲଙ୍କ, ଯାହା ମୁଁ ସେ ନାଥ କଣ୍ଟ୍ରାକ୍ଟରକୁ ଧମକେଇ, ତା' ଗାଁ ରାସ୍ତା, ପୋଲ, ସ୍କୁଲଘର କାମ ବାବଦକୁ ମିଳିଥିବା ଲାଭରେ ହାସଲ କରିଥିଲି, କେତେ ବଡ଼ ବଡ଼ ଅଫିସରଙ୍କ ସୌଜନ୍ୟରୁ ପ୍ରାପ୍ତ ଶାଢ଼ୀ, ସୁନା ଠୁ ଘରେ ଏସି ଲଗେଇ ଖରାଦିନେ କାଲୁଆ ପବନ ଖାଉଥିଲି, ସବୁ ସେମିତି ଅଛି । ଚାରି ହଜାରେ ଇଲେକ୍ଟ୍ରି ବିଲ୍ ଆସୁଥିବା ମିଟରକୁ ଚାରି ଶହ ଟଙ୍କା ଦେବାର କାରସାଦି କରିଥିଲି, ବାପ ଅମଳର ଜମି ଦି'ଗୁଣ୍ଠକୁ ବଢ଼େଇ ବାଟିଏ କରିଥିଲି, ସବୁ ତ ସେମିତି ଅଛି। ଅଥଚ ମତେ ମୋ ଗଡ଼ା କୋଠାଘରେ ଏସି ରୁମ୍‌ରେ ଖଟ ଗଦିରେ ନ ଶୁଆଇ ଏ ପାଳ ଦଉଡ଼ି ଭିଡା ବାଉଁଶ ଶେଯରେ ଅଗଣାରେ ଟାଇଁ ଟାଇଁଆ ଖରାରେ ଶୁଆଇ.. ତୁଚ୍ଛା ଲୋକ ଦେଖାଣିଆ ଭଲପାଇବାର ଛଳନାକରି ମେଣ୍ଢା ଭଳିଆ ରଡ଼ି ଛାଡୁଛ କିଆଁରେ? ଆଉ ସହିପାରିଲିନି। ପାଟିକରି ମୋ ସ୍ତ୍ରୀ କି କହିଲି.. ହଇଲୋ ଯାମିନୀ ! ତତେ କ'ଣ ମୋ ଏ ଅବସ୍ଥା ଦିଶୁନି ? ତୋ ପାଇଁ ମୁଁ କ'ଣ ନ କରିଛି ? ବାହାଘର ବେଳେ ବୋପାଘର ସୂତା ସରୁ ସୁନାଚେନ ଜାଗାରେ ପାଞ୍ଚଭରି ଓଜନର ହାର, ଦଶଭରି ଓଜନ ସୁନା ଚୁଡ଼ି, ସୂତାଶାଢ଼ୀ ଫୋପାଡ଼ି ଦାମୀ ପାଟଶାଢ଼ୀ, ସାଲୁଆର ପଞ୍ଜାବି ତତେ ପିନ୍ଧେଇଛି। ତତେ ଅୟସରେ ରଖିବାକୁ ତୋ କତିକି କେତେ ସେବାକାରିଣୀ -ଚାକର -ଚାକରାଣୀ ଖଞ୍ଜିଦେଇଛି। ହେଲେ, ତୋ ଆଖି କ'ଣ ଫୁଟିଯାଇଛି ? ଦେଖିପାରୁନୁ.. ତୋ ପ୍ରାଣପ୍ରିୟ ପତି-ଦେବତା ଘର ଅଗଣାରେ ଖରାରେ ପଡ଼ିଛି ବୋଲି ?

ହୁଁ! ଇଏ ପୁଅ -ବୋହୂ ଦି'ଟା ବି କମ୍ ନୁହନ୍ତି। ଯାହାଙ୍କୁ ଡାକିଲେ, ସହରରେ କାମରେ ବିଜି ବୋଲି ବାହାନାକରି ଯିବି ଯିବି କହି ନ ଆସି, ଶଳା, ଶାଳୀ, ଶାଶୁ, ଶ୍ୱଶୁରଙ୍କ ସହ ମିଶିକି ବିଲାତି କୁକୁର ବାର୍ଥ ଡେ ପାଳନ କରନ୍ତି, ହେଲେ ଆଜି ନ ଡାକିଲେ ବି କ'ଣ ପାଇଁ ଧାଇଁ ଆଇଚ କିରେ? ହେଇରେ ନାଟୁ, ବାଟୁ ! ପଛକଥା ଭୁଲିଗଲଣି କିରେ ? ମୋ ପଦ-ପାୱାର ଥିଲାବେଳେ, ତମ ଭଳିଆ ଅଯୋଗ୍ୟ ଦି'ଟାଙ୍କୁ କେମିତିକା ଚାକିରିରେ ପୂରେଇ ସରକାରୀ କ୍ୱାର୍ଟରରେ ରଖେଇଥିଲି ! ତମରି ପାଇଁ କେତେ ଫନ୍ଦିଫିକର କରି କେତେ ପ୍ଲଟ, ଘର, ଟଙ୍କା, ସୁନା ସାଇତିଛି। ହେଲେ ପୁଅ-ବୋହୂ ସବୁ ଆଇଚ,.. ଅଥଚ ବୋପାଟା ପାଇଁ ଛେନାପୋଡ଼ ଶହେଗ୍ରାମ ଆଣିବାକୁ ତମ ମନ କହିଲାନି? ପାପ-ପୁଣ୍ୟ ନ ବିଚାରି କେତେ କାହା ତଣ୍ଟିଚିପି ତମପାଇଁ ଏତେକଲି। ତମ ଆଖି କ'ଣ ଫୁଟିଯାଇଛି.. ଦିଶୁନି, ମତେ ଖରାରେ ଶୁଆଇ ସୁକୁଟ ଦେଖୁଚ ? ମୋ ଦେହରୁ ଦାମୀ ପୋଷାକ, କଳା ଚଷମା, ସୁନାର ମୋଟା ଚେନ, ହାତରୁ ବ୍ରେସଲେଟ କାଢିନେଇ, ମତେ ଅଧାନଙ୍ଗଳା କରି ଶୁଆଇଚ !

ଆରେ ହେ ଶଶୁର ପୁଅ ସତୁରା ! ତୁ ଟା ଅଯୋଗ୍ୟ ବେକାରିଆ ହେଇ ତୋ ଗାଁରେ ବୁଲୁଥିଲୁ। ତତେ ଆଣି ପାଖରେ ରଖି, ତୋ ନାଁରେ କଣ୍ଟ୍ରାକ୍ଟରୀ ଲାଇସେନ୍ସ କରେଇ, କାମ ଦେଇ ଲାକ୍ଷେ ଲାକ୍ଷେ ଟଙ୍କାର ଫାଇଦା କରେଇ ତୋ ରୂପ ଚେହେରା ବଦଳେଇ ବଡ଼ଲୋକ କରେଇଲି। ଆଉ ଆଜି ମୁଁ ଘଣ୍ଟାଏ ହେଲା ସତୁରା.. ସତୁରା ରେ.. ଡାକପକେଇ ତେତେ କହୁଛି, ମତେ ଟିକେ ଘର ଭିତରକୁ ନେଇଯା ! ମୋ ଥଣ୍ଡା-ଦେହ ଖରାରେ ସିଝିଯାଉଛି, ତୋ କାନ କ'ଣ ଫୁଟିଯାଇଛି ନା ଆଖିକି ଦିଶୁନି? ମୋ ଆଗରେ ପିଲାଙ୍କ ମାମୁବୋଲି ହାତ ହଲେଇ କ'ଣ ଭାରି ମୁରବିପଣିଆ ଦେଖେଇ



ଗପିଚାଲିଛୁ..ରେ? ଚିହ୍ନିଛୁ ମତେ ? ଏଇନେ ଚାହିଁଲେ ତୋ ଲାଇସେନ୍ସ ରଦ୍ଦ କରିଦେବି।

ହେ ମୋ ଗେହ୍ଲେଇ ଝିଅ ଟୁନୀ ! ତୁ ଆଉ ଜୋଇଁ.. ଆଜି କ'ଣ ପାଇଁ ଧାଇଁ ଆଇଚ ଶୁଣେ ! ତୋ ଭାଗ ତ ଆଗୁଆ ଦି'ଟା କୋଠା, ଚାରିମାଣ ଦୋ ଫସଲି ଜମି, କିଲେ ଆଠଶହ ଗ୍ରାମ ଓଜନର ସୁନା ଅଳଙ୍କାର ଦେଇସାରିଛି। ଜୋଇଁ ପୁଅକୁ କନ୍ଧମାଳରୁ ବଦଳକରି କଟକରେ ରଖେଇଛି। ଆଉ ତୋର କ'ଣ ଅସୁବିଧା ହେଲାଯେ.. ମୋ ଛାତିରେ ମୁଣ୍ଡ ବାଡେଇ କାନ୍ଦୁଛୁ ? ହେ ଜୋଇଁପୁଅ ! ତେମେ ବି ଶୁଣିଥାଅ ! ମୁଁ ବଞ୍ଚିଥିବାଯାଏଁ ତମର କିଛି ଅସୁବିଧା କୋଉଥିରେ ହେବନି । ଆରେ ହଁ ମନେପଡିଲା, ତମ ପିଲାଙ୍କ ନାଁରେ ସତୁରି ଲାକ୍ଷେ ଟଙ୍କାର ସାତୁଟା ଫିକ୍ସ ବଣ୍ଡ ତୋ ବୋଉପାଖରେ ରଖିଛି । ଆଇଛୁ ଯେବେ, ମନେକରି ତୋ ଭାଇ-ଭାଉଜ ନ ଜାଣିଲା ଭଳିଆ ନେଇଯିବୁ । ଉଠୁ ମୋ ଛାତିଉପରୁ । ମୁଁ ଜାଣିଛି.. ଝିଅମାନେ ବୋପାଘରକୁ ଆସିଲେ ଏମିତି କାନ୍ଦନ୍ତି । ହେଇ ଦେଖି, ତୋ କାନ୍ଦଦେଖି ମୋ ଡାକ୍ତରିଆ ଜୋଇଁ ହୃଦୟ ତରଳି ଆଖିରୁ ପାଣି ବୋହିଲାଣି। ହେ ସାହି-ପଡୋଶୀଏ ! ତେମେ କ'ଣ ମତେ ଦେଖିନା ଯେ ଆଜି ରୁଣ୍ଡହେଇ କ'ଣ ଉଣ୍ଡୁଛ ? ଓ ହୋ.. ମୋ ସହରିଆ ପୁଅ-ବୋହୂ, ଝିଅ-ଜୋଇଁଙ୍କ ଦେଖିବାକୁ ଆଇଚ କି? ହେଲେ ପଡ଼ୋଶୀ ଦିବାକର କ'ଣ କହିଲାଣି.. ବୁଢାକୁ ଏଥର ଉଠାଅ ! ହଉ, ମୋ ପିଲାଏ ଦୁଃଖ ନ ବୁଝିଲେ ବି ତୁ ତ ବୁଝିଲୁ । ଟେକିନିଅ ଥଣ୍ଡା ପବନିଆ ମଝିଘର ପଲଙ୍କ ଉପରକୁ । ଆରେ ମତେ ଦାଣ୍ଡକୁ କ'ଣ ନେଲଣି ? ହେ ଧରମ ଛଡାଏ ! ମୁଁ ବଞ୍ଚିଥାଉଁ ଥାଉଁ, ରାମନାମ ସତ୍ୟ ହେ.. ହରିନାମ ସତ୍ୟ ବୋଲି କ'ଣ କହିଲଣି ? ସିଆଡ଼େ କ'ଣ ନେଉଛ.. ସେଇଠି ଗାଁ ମଶାଣି । ଓହୋ, ବୁଝିଲି। ଏଇ ଅଗଷ୍ଟ ପନ୍ଦର ପାଇଁ ମତେ ମୁଖ୍ୟ ଅତିଥିକରି ପତାକା ଉତ୍ତୋଳନ କରେଇଲାବେଳେ କୋଉଠି କେମିତି ବସେଇବ, ଆଗୁଆ ଦେଖେଇବାକୁ ନେଉଛ କିରେ । ଭଲକଥା ଯେ, କିନ୍ତୁ ମୋତେ ଏମିତି ବେଶରେ ନିଅନି। ମୋ ପୁଅ ନାଟୁକୁ କୁହ.. ଭଲ ପୋଷାକ ପିନ୍ଧେଇ ମୋ ଗାଡ଼ିରେ ବସେଇ ନେଉ । କି ପିଲା ଏଗୁଡା.. ବୋପା ଇଜ୍ଜତ ଗଲେ କ'ଣ ତାଙ୍କର ଯାଉନି? ଆରେ ଇଏ କ'ଣ ? ମତେ ଅଟକେଇ ଶଶୁର-ପୁଅ ସତୁରା କ'ଣ ମୋ ଡାହାଣ ହାତ ମଝିଆଙ୍ଗୁଠି ଉଣ୍ଡାଳି ହୀରା ପଥରବସା ଦି' ଭରି ଓଜନର ମୁଦିକି କାଢି, ତା' ପକେଟରେ ପୂରେଇଲାଣି ! ଯାହା ଜଣାଗଲାଣି, ମୁଁ ନ ଥିଲେ ଏ ଲୋଭା ମୋ ଘରେ କଳାକନା ବୁଲେଇ ସବୁ ଲୁଟିନେବ ହୋ.. ! ଆରେ ସେ ଶ୍ମଶାନ ମତେ ନଉଛ କ'ଣ... ତା' ଉନ୍ନତି ପାଇଁ ଯୋଉ ତିନିଲକ୍ଷ ଆଇଥିଲା, ଭାଗବାଣ୍ଟି ନେଲାପରେ କେମିତି କାମହୋଇଛି ମତେ ଦେଖେଇବ କିରେ ? ଛାଡ଼ ସେ ଅଳପିଆ କଥା । ଧେତ୍ ତେରିକି, ଧୂଳିଆ କ'ଣ କହୁଛି ମଶାଣିରେ ମତେ ପୂରା ଲଙ୍ଗଳାକରି ଶୁଣାଇବାକୁ ! ହେ ହେ ଅମଣିଷ କୋଉଠିକାର ! ତମ ବୋପା ବୟସର ମୁଁ । ତମର ଲଜ୍ଜା ସରମ କିଛି ନାହିଁକିରେ ? ମୋର କେତେ ସମ୍ମାନ.. ପାୱାର.. ତେମେ କ'ଣ ଜାଣିନା ? ନାଇଁ, ମୁଁ ଆଉ ଯିବିନି । ଯାଉଛି ଏଇଠୁ ଓହ୍ଲାଇ ଆମ ଘରକୁ ପଳେଇବି ।

ଛି.. ଛି.. ଛି ! କି କୁଳାଙ୍ଗାର ପିଲାଏ ମୋର ! ଘରେ ଦେଢ଼ଲକ୍ଷ ଟଙ୍କାର ଡାଇନିଙ୍ଗ ଚେୟାର ଟେବୁଲୁ, ଦାମୀ କଂସା ବାସନ ଥାଉଁ ଥାଉଁ, ମତେ ଗାଁ ମୁଣ୍ଡରେ ମାଟିହାଣ୍ଡିରେ ଅଣବଘରା ଅଣହଳଦିଆ ଭାତ -ତିଅଣ ଥୋଇକି.. କହୁଛ ଖା' ! ସକାଳେ ଦାନ୍ତଘଷିବାକୁ ମୋ ବ୍ରସ, ପେଷ୍ଟ ନ ଦେଇ, ଦାନ୍ତକାଠି ପାଣି ଘଡ଼ିରେ ଦେଇ, ଜଳଖିଆ ମୁଠେ ଚୁଡ଼ା ଖାଇବାକୁ କହି ଚାଲିଗଲ ! ମୁଁ ଜୀବନରେ ଏମିତି ଜାଗାରେ କେବେ ବସିଛି ନା ଖାଇଛି ? ହେଇ ଦେଖ । ସେ ରାଧୁଆ ଭଣ୍ଡାରୀ ନଈକୂଳେ ମୋ ପିଲାଙ୍କୁ ନଣ୍ଡାକଲାଣି। ଭଣ୍ଡାରୁଣୀ ବସି ମୋ ଝିଅ, ପଡ଼ୋଶୀ କୁଟୁମ୍ବଙ୍କ ନଖ କାଟିଲାଣି । ଏ ସବୁ କି ଚାଲବାଜି? ଯୋଉ ପତ୍ନୀ -ଯାମିନୀ ମତେ ନ ପଚାରି କାହାକୁ ଟଙ୍କା ଦଶଟା ଦେଇନି, ସେ ମୋ ଆଲମିରା ଖୋଲି ବିଡା ବିଡା ଟଙ୍କା କାଢ଼ି ନୂଆ ଧୋତି, ଶାଢ଼ୀ ଓଗେରେ କିଣେଇସାରିଲାଣି । ହେଇ, ସେଇଠି ବିରାଟ ଭୋଜିର ଆୟୋଜନ.. କୋଉ ଖୁସିରେ କିରେ ? ସେପଟୁ ମୋ ସାଙ୍ଗ ବାବୁଲା ଆଉଛି । ତାକୁ କହିବି.. ସେ ମୋ ସ୍ତ୍ରୀକି ବୁଝେଇବ.. ଏମିତି ଅବାଟରେ ଟଙ୍କା ଖରଚ ନ କରୁ ବୋଲି। ଧିକ୍ ମୋ ପଦ-ପାୱାରକୁ। ଧିକ୍ ମୋ ବୋପାପଣିଆକୁ... ଧିକ୍ ତମ ମଣିଷପଣିଆକୁରେ।

ପାଖରେ ଶୋଇଥିବା ପତ୍ନୀମୋର ମତେ ଧକ୍କାଟିଏ ପକେଇ, ଚିଲେଇ କହିଲା.. କାହିଁକି ପାଟିଟା କରୁଛ ? ନିଦରୁ ଉଠି ତା' ମୁହଁକୁ ଖାଲି ଜଳ ଜଳ ହେଇ ଚାହିଁଥିଲି... ।


*-ମଙ୍ଗରାଜପୁର, ପୁରୀ , ମୋ: ୭୦୦୮୧୮୮୮୪୭*

## ପୁସ୍ତକ ସମୀକ୍ଷା

### କଳ୍ପ ନିର୍ବିକଳ୍ପ

**ଲେଖକ ନାରାୟଣ ଚନ୍ଦ୍ର ଦାଶ, ପ୍ରକାଶକ-'ପ୍ରଫୁଲ୍ଲ'ଓଡ଼ିଶାଗଡ ଜଗତ୍‌ସିଂହପୁର, ମୂଲ୍ୟ-୫୦ଟଙ୍କା**

'କଳ୍ପ ନିର୍ବିକଳ୍ପ' ନାରାୟଣ ଚନ୍ଦ୍ର ଦାଶଙ୍କ କବିତା ପୁସ୍ତକ । ଏଥିରେ ୫୬ଟି କବିତା ସ୍ଥାନ ପାଇଛି । କବିତାଗୁଡିକ ଜୀବନର ରଥ କିପରି ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଅଙ୍କା-ବଙ୍କା, ଖାଲ-ଢିପ, ଦୁଃଖ-ସୁଖ, ହର୍ଷ-ବିମର୍ଷ ଆଦି ଦେଇ ପ୍ରତିଦିନ ଗତି କରୁଛି ତାହାକୁ ନେଇ ଲେଖାଯାଇଛି । ପ୍ରଥମ କବିତାଟି ଛଅ ଋତୁକୁ ନେଇ କବି ଲେଖିଛନ୍ତି। ପ୍ରକୃତିର ଯେଉଁ ଅପରୂପ ବର୍ଣ୍ଣନା ସେ କବିତା ମାଧ୍ୟମରେ କରିଛନ୍ତି ତାହା ଅତ୍ୟନ୍ତ ଭାବ ଗର୍ଭକ। ପୁସ୍ତକର ଯେ କୌଣସି କବିତା ପାଠ କଲେ ମିଳେ ଜୀବନ ଆଉ ଦର୍ଶନର ଅଫୁରନ୍ତ ଆନନ୍ଦ। ପୁସ୍ତକଟି ପାଠକୀୟ ସ୍ୱୀକୃତି ଲାଭ କରିବ ବୋଲି ଆଶା ।




### ଅନୁପମ ଭାରତ

**ଯଦୁମଣି ସାହୁ, ପ୍ରକାଶକ-ବନଫୁଲ, ଭୁବନେଶ୍ୱର । ମୂଲ୍ୟ- ୨୧୦ଟଙ୍କା**

'ଅନୁପମ ଭାରତ' ଯଦୁମଣି ସାହୁଙ୍କ ଭ୍ରମଣ କାହାଣୀ ପୁସ୍ତକ। ଭାରତର ୪ଧାମ ଓ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ସହିତ ବହୁ ପୌରାଣିକ ତଥା ଐତିହାସିକ ସ୍ଥାନମାନ ଭ୍ରମଣ କରି ତା'ର ଏକ ସଂକ୍ଷିପ୍ତ ବର୍ଣ୍ଣନା ଲେଖକ ନିଜ ଭାଷାରେ ଲେଖିଛନ୍ତି। ଏଥିରେ ସେ ୮ଟି ପୀଠ ଉପରେ ବର୍ଣ୍ଣନା କରିଛନ୍ତି। ପ୍ରଥମେ ସେ ଯୋରନ୍ଦା ଗାଦିରେ ଦିନେରୁ ଆରମ୍ଭ କରି ଶେଷରେ ସେ ମାଣିକେଶ୍ୱରୀଙ୍କ ଛତର ଯାତ୍ରାରେ ଶେଷ କରିଛନ୍ତି। ବିଭିନ୍ନ ପୀଠ ଭ୍ରମଣ କରି ତାକୁ ସେ କାହାଣୀର ରୂପ ଦେବାକୁ ଚେଷ୍ଟା କରିଛନ୍ତି। ନୂଆ ପରିବେଶ, ସ୍ଥାନ, ଭାଷା ଓ ଖାଦ୍ୟ ସଂସ୍ପର୍ଶରେ ଆସିବାରୁ ଭ୍ରମଣରେ ନୂତନ ଅନୁଭୂତି ମଧ୍ୟ ସୃଷ୍ଟି ହୋଇଥାଏ। ପୁସ୍ତକଟି ସୁଖପାଠ୍ୟ ହେବ ବୋଲି ଆଶା ।




### ଫଟୋ ଏବଂ ଅନ୍ୟାନ୍ୟ ଗଳ୍ପ

**ପ୍ରଦ୍ୟୁମ୍ନ ପଟ୍ଟନାୟକ, ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର ମୂଲ୍ୟ-୧୫୫ଟଙ୍କା**

'ଫଟୋ ଏବଂ ଅନ୍ୟାନ୍ୟ ଗଳ୍ପ' ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ ପୁସ୍ତକ। ଏଥିରେ ୧୭ଟି ଗପ ପ୍ରକାଶିତ ହୋଇଛି । ପ୍ରଥମ ଗପ 'ଫଟୋ' ଥିବା ବେଳେ ଶେଷ ଗପ 'ଅଜ୍ଞାତବାସ' । ପ୍ରଥମ ଗପଟି ଲେଖକ ଚୌଦ୍ୱାର ଛାଡି ଯିବା ବେଳର ବେଦନା ଓ ଦିଲ୍ଲୀ ରହଣିର ଅନୁଭୂତି ଏବଂ ତନ୍ମୟୀଙ୍କ ଉପରେ ଲେଖିଛନ୍ତି । ତନ୍ମୟୀ ଓଡ଼ିଆ ଭାଷା ଓ ସାହିତ୍ୟର ଅଧ୍ୟାପିକା ଏବଂ ଲେଖକ ମଧ୍ୟ ଅର୍ଥନୀତି ବିଭାଗ ଅଧ୍ୟାପକ। ଦୁହିଁଙ୍କ ମଧ୍ୟରେ କିଭଳି ସମ୍ପର୍କ ଗଢି ଉଠୁଛି ଏଥିରେ ବେଶ୍ ଜୀବନ୍ତଭାବେ ବର୍ଣ୍ଣନା କରାଯାଇଛି। ଏହି ଗଳ୍ପ ବାଦ୍ 'ରାସଲୀଳା' ପଢନ୍ତୁ କି 'ଗୁଜବ' ଯାହାକୁ ପଢିବେ ତାହା ପାଠକଙ୍କୁ ବାନ୍ଧି ରଖିବ ଏଥିରେ ସନ୍ଦେହ ନାହିଁ।



# ବାହୁବଳୀ ସିଙ୍ଗଡ଼ା

ସିଙ୍ଗଡା ଖାଇବାକୁ ଅନେକେ ଭଲ ପାଆନ୍ତି। ତେବେ କହିଲେ ଦେଖି ଗୋଟିଏ ସିଙ୍ଗଡ଼ା ଖାଇବାକୁ ଆପଣଙ୍କୁ କେତେ ସମୟ ଲାଗେ ? ପାଞ୍ଚ ମିନିଟ ଭିତରେ ତ ଗୋଟିଏ ସିଙ୍ଗଡ଼ା ଆରାମରେ ଖାଇ ହେବ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ମିରଟର ଏକ ମିଠା ଦୋକାନର ମାଲିକ ଏକ ଖାସ୍ ସିଙ୍ଗଡ଼ା ଖାଇବାକୁ ୩୦ ମିନିଟ ସମୟ ଦେଉଛନ୍ତି। ଆଉ ଯେ ଏହି ସମୟ ଭିତରେ ତାକୁ ଖାଇଦେବ ତାଙ୍କୁ ୭୧୦୦୦ ଟଙ୍କା ପୁରସ୍କାର ଦିଆଯିବ ବୋଲି ମଧ ଘୋଷଣା କରିଛନ୍ତି। ଭାବୁଥିବେ ଏ ତ ସହଜରେ ଟଙ୍କା କମାଇବାର ଏକ ଭଲ ମାଧମ। ତେବେ ଏଠାରେ ଯେଉଁ ସିଙ୍ଗଡ଼ା କଥା କୁହାଯାଉଛି ତାକୁ ଏତିକି ସମୟ ଭିତରେ ଖାଇବା ଏତେଟା ସହଜ ନୁହେଁ। କାରଣ ଏ ହେଉଛି 'ବାହୁବଳୀ ସିଙ୍ଗଡ଼ା'। ମିରଟର କୌଶଲ ସୁଇଟ୍ସ



ନାମକ ଏକ ମିଠା ଦୋକାନ ଏହି ଖାସ୍ ସିଙ୍ଗଡ଼ା ତିଆରି କରୁଛି। ଆଉ ଚ୍ୟାଲେଞ୍ଜ ରଖିଛି ଯଦି କେହି ବ୍ୟକ୍ତି ଏହାକୁ ୩୦ ମିନିଟରେ ଖାଇଦେଇ ପାରିବେ ତାଙ୍କୁ ୭୧୦୦୦ ଟଙ୍କା ପୁରସ୍କାର ଦିଆଯିବ। ଆକାରରେ ବେଶ୍ ବଡ଼ ଉକ୍ତ ସିଙ୍ଗଡ଼ାର ଓଜନ ୧୨ କେ.ଜି.। ଏହାକୁ ତିଆରି କରିବା ଲାଗି ୬ ଘଣ୍ଟା ସମୟ ଲାଗେ। ଏକ ବଡ଼ କଡେଇରେ ଫ୍ରାଏ କରିବା ଲାଗି ତିନିଜଣ ରୋଷେଇୟାଙ୍କୁ ୯୦ ମିନିଟ ସମୟ ଲାଗିଯାଏ। ଏବେ ଏହି ସିଙ୍ଗଡ଼ା ମିରଟରେ ବହୁତ ଲୋକପ୍ରିୟ ହୋଇଗଲାଣି। ଲୋକେ ଜନ୍ମଦିନରେ କେକ୍ ବଦଳରେ ଏହାକୁ କାଟିବାକୁ ଆରମ୍ଭ କଲେଣି। ତେଣୁ ଆଗୁଆ ଅର୍ଡର ଦେଉଛନ୍ତି। ପ୍ରଥମେ ଉକ୍ତ ମିଠା ଦୋକାନର ମାଲିକ ୪ କି.ଗ୍ରା.ର ସିଙ୍ଗଡ଼ା ତିଆରି କରିଥିଲେ। ପରେ ଏହାର ଆକାର ବଢାଇ ୮ କି.ଗ୍ରା. ଓ ଏବେ ୧୨ କି.ଗ୍ରା. କରାଯାଇଛି। ଯାହାର ମୂଲ୍ୟ ୧୫୦୦ଟଙ୍କା ରଖାଯାଇଛି।




ବ୍ୟାକ୍ ପେଜ୍

# ଅମୃତଭଣ୍ଡାରେ ଫୁଲ

ଅମୃତଭଣ୍ଡାକୁ ନେଇ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରାଯାଏ। ହେଲେ ଏହାକୁ ନେଇ କଳାକୃତୀ ବି ଗଢାଯାଏ ତାହା ହୁଏତ ଅନେକେ ଜାଣି ନ ଥିବେ। ଭିଏତନାମରେ କଞ୍ଚା ଅମୃତଭଣ୍ଡାକୁ ବ୍ୟବହାର କରି ସୁନ୍ଦର ଫୁଲର କଳାକୃତୀ ତିଆରି କରିବା ଏକ ପାରମ୍ପରିକ କଳା। କିନ୍ତୁ ଏବେ ଏହାର ସତ୍ତା ଦିନକୁ ଦିନ ହଜିବାକୁ ଲାଗିଲାଣି। ହେଲେ ହାନୋଇର ନୁୟେନ ଥି ଥୁ ହେଉଛନ୍ତି ଏମିତି ଜଣେ ମହିଳା ଯେକି ହଜି ଯାଉଥିବା ଏହି କଳାକୁ ବଞ୍ଚାଇ ରଖିବା ଲାଗି ଅହରହ ଚେଷ୍ଟା ଜାରି ରଖିଛନ୍ତି। ସେ ଏଥିରେ ଏତେ ସୁନ୍ଦର ଓ ଜୀବନ୍ତ ଫୁଲ ତିଆରି କରୁଛନ୍ତି ଯେ, ତାହା ସବୁ ସତସତିକା ଫୁଲ ପରି ହିଁ ଲାଗେ। ଏଥିପାଇଁ ସେ କଞ୍ଚା ସବୁଜ ଅମୃତଭଣ୍ଡା ଆବଶ୍ୟକ କରନ୍ତି। କଳାକୃତୀ ଗଢିବା ପୂର୍ବରୁ ସେ ଏହାକୁ ମଝିରୁ ଦୁଇ ଫାଳ କରି କାଟି ଥଣ୍ଡା ପାଣିରେ ଏକ ଘଣ୍ଟା ବୁଡାଇ ରଖନ୍ତି। ମଞ୍ଜି ବାହାର କରି ଛୁରୀ ସାହାଯ୍ୟରେ ଅମୃତଭଣ୍ଡାକୁ ପତଳା ପତଳା କାଟନ୍ତି। କଇଁଚିରେ ସେସବୁକୁ କାଟି ପାଖୁଡାର ରୂପ ଦିଅନ୍ତି। ଚପ୍‌ଷ୍ଟିକ୍ ମାଧମରେ ପାଖୁଡାକୁ ମୋଡନ୍ତି। ପରେ ଫୁଡ କଲର୍‌ରେ ପାଖୁଡ଼ାଗୁଡିକୁ ରଙ୍ଗ ଦେଇ ସତସତିକା ଫୁଲର ରୂପ ଦିଅନ୍ତି। ପଦ୍ମ, କଇଁ ପରି ନାନା ପ୍ରକାରର ଫୁଲ ସେ ଅମୃତ ଭଣ୍ଡାରେ କରି ପାରନ୍ତି। ଆଉ ତା'ର ଫଟୋ ଉଠାଇ ସୋସିଆଲ ମିଡ଼ିଆରେ ପୋଷ୍ଟ କରନ୍ତି। ଗୋଟିଏ ଫୁଲ ତିଆରି କରିବାକୁ ତାଙ୍କୁ ପ୍ରାୟ ୧ ଘଣ୍ଟା ସମୟ ଲାଗେ। ସେ କୁହନ୍ତି, ଏହି ଫୁଲକୁ ଫ୍ରିଜ୍‌ରେ ରଖିଲେ ଅଧିକ ସମୟ ରହିପାରେ। ତେବେ ପ୍ରଦର୍ଶନୀରେ ପ୍ରଦର୍ଶିତ କଲାବଳେ ଏହାକୁ ଖରାଠୁ ଦୂରରେ ରଖିବାକୁ ଚେଷ୍ଟା କରେ। ଏହାଛଡ଼ା ମୋ କଳାକୁ ଅଧିକ ସମୟ ବଞ୍ଚାଇ ରଖିବା ଲାଗି ମୁଁ ବିଭିନ୍ନ ପ୍ରିଜରଭେଟିଭ୍‌ସ ଉପରେ ଗବେଷଣା କରୁଛି।'









# ଧୂଳିକଣା ନୁହେଁ, ଇଏ ହ୍ୟାଣ୍ଡବ୍ୟାଗ୍

ମହିଳାଙ୍କ ପାଇଁ ତାଙ୍କ ହ୍ୟାଣ୍ଡବ୍ୟାଗ୍ ତାଙ୍କ ଦୁନିଆ। ତା' ଭିତରେ ମେକ୍‌ଅପ୍ ସାମଗ୍ରୀଠୁ ଆରମ୍ଭ କରି ଯେତେ ସବୁ ଆବଶ୍ୟକୀୟ ଜିନିଷ ସେମାନେ ରଖିଥାନ୍ତି। ସେଥିପାଇଁ ତ ପ୍ରାୟ ମହିଳା ବଡ଼ ହ୍ୟାଣ୍ଡବ୍ୟାଗ୍ ଧରିବାକୁ ପସନ୍ଦ କରନ୍ତି। ତେବେ ଲୁଇସ ଭିଟୋନ୍ କମ୍ପାନୀ ତିଆରି କରିଛି ଏମିତି ଏକ ବ୍ୟାଗ୍ ଯାହା ଏତେ ଛୋଟ ଯେ, ତାକୁ ଖାଲି ଆଖିରେ ଦେଖିବା ବି ଅସମ୍ଭବ। ବିଶ୍ୱାସ ନ ଲାଗିଲେ ବି ଏହା ସତ। ନିଓନ ଗ୍ରୀନ କଲର୍‌ର ଉକ୍ତ ହ୍ୟାଣ୍ଡବ୍ୟାଗ୍‌କୁ ଦେଖିବାକୁ ହେଲେ ମାଇକ୍ରୋସ୍କୋପ୍ ଆବଶ୍ୟକ। କାରଣ ଏହାର ଆକାର ଏକ ଧୂଳିକଣା ସହ ସମାନ। ଏହାକୁ ପ୍ୟାରିସ୍ ଫ୍ୟାଶନ୍ ଉଇକ୍‌ରେ ନିଲାମ୍ ପାଇଁ ରଖାଯିବ। ଦେଖାଯାଉ ଏତେ ଛୋଟ ହ୍ୟାଣ୍ଡବ୍ୟାଗ୍‌କୁ କିଏ କେତେ ଟଙ୍କାରେ ନେଉଛନ୍ତି।